## ମାସିକ ଇ-ପତ୍ରିକା

ପ୍ରଥମ ବର୍ଷ   ସପ୍ତମ ସଂଖ୍ୟା   ଜୁଲାଇ ୨୦୨୨

ମାର୍ଗଦର୍ଶକ :
ଡ. ପ୍ରମୋଦ ଚନ୍ଦ୍ର ଦାଶ

ଉପଦେଷ୍ଟା ମଣ୍ଡଳୀ :
ବିଭୁପ୍ରସାଦ ହରିଚନ୍ଦନ
ଡ. ରଶ୍ମୀରଞ୍ଜନ ନାଥ
ନିଶିକାନ୍ତ କହଲସିଂହ

ସମ୍ପାଦକ :
ସମରଜିତ ପଟ୍ଟନାୟକ

ସହଯୋଗୀ ସମ୍ପାଦକ ମଣ୍ଡଳୀ :
ବାବାଜୀ ଜେନା
ତ୍ରିଲୋଚନ ଦାସ
ରଶ୍ମିତା ନାୟକ
ବାସନ୍ତୀ ଦେଇ

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା :
ରାଜୀବ ରଥ
ପ୍ରୀତମ ବଳିୟାରସିଂହ

# ସଂପାଦକୀୟ



ଶ୍ରାବଣର ଅବାରିତ ଧାରା....ବର୍ଷିଚାଲିଛି.....
ପୃଥିବୀ ସିକ୍ତ....ମନ ବି ସିକ୍ତ.... ଆଉ ତୃପ୍ତ....
ନିଦାଘର ଜ୍ୱଳନ ପ୍ରତିହତ......ତଥାପି.....
ସମାଜ ସତେ ଯେମିତି ଡହଡହ ନିଆଁରେ ସନ୍ତୁଳିତ.....
କଳୁଷିତ........ ଯନ୍ତ୍ରଣାରେ ଜର୍ଜରିତ........
ରାଜନେତାଙ୍କ ଶସ୍ତା ...ଦୁର୍ନୀତି ପସରା......
ଅଭିନେତା ଅଭିନେତ୍ରୀଙ୍କ ଲଜ୍ୟାହୀନ ଯାତ୍ରା....
ସଙ୍ଗୀତଜ୍ଞ ମାନଙ୍କର ଆଜେବାଜେ ଗୀତ......
କବି ଲେଖକ ମାନଙ୍କର ..........
ପ୍ରତିଭା ନାସ୍ତି - ଯଶକାଙ୍ଗାଳ ମାନସିକତା......
ସର୍ବୋପରି, ସାମ୍ବାଦିକ ମାନଙ୍କର ଚରମ ଚାଟୁକାରିତା.....
ଧାରାଶ୍ରାବଣ ଧୋଇପାରିନି ଏ ବିଡ଼ମ୍ବନା ସବୁକୁ......
ଭସାଇ ନେଇ ପାରିନି ଅନନ୍ତ ମହୋଦଧିର ଅଥଳ ଗର୍ଭକୁ .....
ତଥାପି.....ନୂତନ ଆଶା ନେଇ....
ପୁନଶ୍ଚ ଆତ୍ମପ୍ରକାଶ ଅପେକ୍ଷାରେ.........
ଆମ ଜୀବନର କବିତା...."ଆମ କବିତା "......
ଆଶା.....ପାଠକେ ଗ୍ରହଣ କରିବେ ।

ଆମରି ସତ୍ୟ
ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ,
ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା
ଯୋଗାଯୋଗ : ୯୪୩୭୨୮୧୬୫୫, email : amarisatya@gmail.com

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | କବିତା ଗୋ ତୁମେ.... | ମାନସ ରଞ୍ଜନ ପଣ୍ଡା | ୫ |
| ୨ . | ବନ୍ଦୀ ମୁଁ | ରଞ୍ଜିତା ମିଶ୍ର | ୬ |
| ୩. | ଝୁମି ଝୁମି ବର୍ଷା ନାଚେ | ବାବାଜୀ ଚରଣ ଜେନା | ୭ |
| ୪. | ମାଆ ଭଗବତୀ | ସୁରେଶ ଚନ୍ଦ୍ର ରଥ | ୮ |
| ୫. | ଋତୁରେ ଋତୁରେ ଋତୁଚିତ୍ର | କାଳିପ୍ରସାଦ ମହାପାତ୍ର | ୯ |
| ୬. | ଗୁଣ୍ଡିଚା ଯାତ | ଜ୍ୟୋତିପ୍ରଭା ପଟ୍ଟନାୟକ | ୧୦ |
| ୭. | ଛଦ୍ମବେଶୀ କବି | ବଳରାମ ତରାଇ | ୧୧ |
| ୮. | ସୁଶ୍ରୀ ଗଙ୍ଗଶିଉଳି | ନିରଞ୍ଜନ ସାମନ୍ତରାୟ | ୧୨ |
| ୯. | ପଶ୍ଚାତାପ | ଅକ୍ଷୟ ମହାନ୍ତି ନିର୍ମାଲ୍ୟ | ୧୩ |
| ୧୦. | କହିବ କିଏ ????? | ସୁକାନ୍ତି ମିଶ୍ର | ୧୪ |
| ୧୧. | ଅପବାଦ ଓ ବର୍ଷା | ସୁରଞ୍ଜନ ପାତ୍ର | ୧୫ |
| ୧୨. | ମୃତ୍ୟୁ ପଥେ | ସୁନୀଲ ନାୟକ | ୧୬ |
| ୧୩. | ଓଏସିସ୍ | ଶୈଳେନ୍ଦ୍ର ନାରାୟଣ ବେହେରା | ୧୭ |
| ୧୪. | କାଶ୍ମୀର କୀ କଲି | ସୁମିତା ବେହେରା ବାପି | ୧୮ |
| ୧୫. | ମରିବା ତୁଣ୍ଡରେ ଧଅନି | ରାଜାରାମ ବେହେରା | ୧୯ |
| ୧୬. | ବୋଉ | ପୂର୍ଣ୍ଣ ଦାସ | ୨୦ |
| ୧୭. | ହେ ଜଗନ୍ନାଥ !! | ଦିବାକର ନାୟକ | ୨୧ |
| ୧୮. | ସିଏ | ବିନୟ ମିଶ୍ର | ୨୨ |
| ୧୯. | ହୃଦୟ ଦେବତା | ବିଜୟ କୁମାର ଜେନା | ୨୩ |
| ୨୦. | ମହମହ ବାସ | ଆଶୁତୋଷ ମେହେର | ୨୪ |
| ୨୧. | ମୁଁ ଏକ ନିରୀହ କବି | ରମେଶ ମଙ୍ଗରାଜ | ୨୫ |
| ୨୨. | ଆହେ ମହାବାହୁ....... | କୃଷ୍ଣପ୍ରିୟା ମହାପାତ୍ର | ୨୬ |
| ୨୩. | ଏକା | ପ୍ରଜ୍ଞା ମହାନ୍ତି | ୨୭ |
| ୨୪. | ଶ୍ରୀକୃଷ୍ଣ ଜଣାଣ | ବାସୁଦେବ ସାହୁ | ୨୮ |
| ୨୫. | ଗଛକୁ ନମଣ ତୁଚ୍ଛ | ବିରଜା ତ୍ରିପାଠୀ | ୨୯ |
| ୨୬. | ପତ୍ର ଝଡାରେ ବସନ୍ତ | ଶକୁନ୍ତଳା ରଥ | ୩୦ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ମୋକ୍ଷ ପ୍ରତୀକ୍ଷାରେ | ଉମେଶ ଚନ୍ଦ୍ର ପାତ୍ର (ଥକାମନ) | ୩୦ |
| ୨୭. | ଭ୍ରଷ୍ଟକାରକ | ଜୟଦେବ ସିଠ | ୩୧ |
| ୨୮. | ଅନୁଚିନ୍ତା | ବିଭୁପ୍ରସାଦ ହରିଚନ୍ଦନ | ୩୨ |
| ୨୯. | ବର୍ଷା | ଯମେଶ୍ୱର କହଲସିଂହ | ୩୩ |
| ୩୦. | ଦରଭିଜା ଶ୍ରାବଣର ... | ନିଶିକାନ୍ତ କହଲସିଂହ | ୩୪ |
| ୩୧. | ବର୍ଷା | ଶୁଭେନ୍ଦୁ ସାହୁ | ୩୫ |
| ୩୨. | ତୁମେ ଗଲାପରେ | ସତ୍ୟନାରାୟଣ ମଲ୍ଲିକ | ୩୬ |
| ୩୩. | ଫେରିଯା ମୌସୁମୀ... | ଗୋପୀନାଥ ସେଠୀ | ୩୭ |
| ୩୪. | ମଣିଷ | ସାରଙ୍ଗଧର ଷଡ଼ଙ୍ଗୀ | ୩୮ |
| ୩୫. | ଉତ୍ତର | ଡ ରଜତ କୁମାର ଷଡଙ୍ଗୀ | ୩୯ |
| ୩୬. | ନାରୀ ଓ ପୁରୁଷ | ବିଭୁପ୍ରସାଦ ମହାପାତ୍ର | ୪୦ |
| ୩୭. | ବୋଧହୁଏ କିଛି | ତପନ ଦୀକ୍ଷିତ | ୪୧ |
| ୩୯. | ତୋ ବାହୁଡ଼ାକୁ ମୋ ବାହୁଡା | ତାରାପ୍ରସାଦ ଜେନା | ୪୨ |
| ୪୦. | ଭାଇର ଭାଇ | ଡଃ ଚପଳା ପଣ୍ଡା | ୪୩ |
| ୪୧. | କବି କୁନ୍ତଳା କୁମାରୀ | ବିଳାସିନୀ ଦାଶ | ୪୪ |
| ୪୨. | ସ୍ଥାନ ଦିଅ ଶ୍ରୀପୟରେ | ବାସନ୍ତୀ ଦେଈ | ୪୫ |
| ୪୩. | ବାହୁଡ଼ା ବେଳ ହେଲା | ପ୍ରଶାନ୍ତ କୁମାର ନାଥ | ୪୬ |
| ୪୪. | ଅନନ୍ୟ ପୃଥିବୀ | ତୋଫାନ କୁମାର | ୪୭ |

# କବିତା ଗୋ ତୁମେ....

**ମାନସ ରଞ୍ଜନ ପଣ୍ଡା**

କବିତା ଗୋ ତୁମେ....

ମଧୁକରର ଗଢିଥିବା ମିଠା ମହୁ,

କେବେ ପୁଣି ତୁମେ ଭଗ୍ନ କୋଣାର୍କର

ତ୍ୟାଗଭରା ସ୍ମୃତି ଲହୁ।

କବିତା ଗୋ ତୁମେ....

ମଧୁମାସର କୋଇଲିର କୁହୁ ତାନ

କେବେ ପୁଣି ତୁମେ, ଅବ୍ୟକ୍ତ କୋହର

ଆତ୍ମାହୁତି-ବଳିଦାନ।

କବିତା ଗୋ ତୁମେ...

ପ୍ରକୃତି ରାଣୀର ଚାରୁ-ଶୋଭା ଚିତ୍ରକର

କେବେ ପୁଣି ତୁମେ ସାଜ ସମାଜର

ବାର୍ତ୍ତାବହ ମୁକ୍ତିଧାର।

କବିତା ଗୋ ତୁମେ...

କଳୁଷିତ ଯେତେ କଳଙ୍କର କଳାଦାଗ,

କେବେ ପୁଣି ତୁମେ ସାଜ ବିଭୀଷିକା

ବିଦ୍ରୋହ ଭାବର ସ୍ୱର।

କବିତା ଗୋ ତୁମେ...

ଜନ ସମୁଦ୍ରର ସପନର ତଟ ଦେଶ

କେବେ ପୁଣି ତୁମେ ମଶାଣି ଭୂଇଁର

ଅର୍ଦ୍ଧ ଦହନ ପାଉଁଶ ...



# ବନ୍ଦୀ ମୁଁ

**ରଞ୍ଜିତା ମିଶ୍ର**

ବନ୍ଦୀ ମୁଁ ଆଜି ସାଥି
            ତୁମ ମନ କାରାଗାରେ
ଆପେ ଆପେ ଛନ୍ଦିହେଲି
            ତୁମ ସ୍ନେହ ଶିକୁଳିରେ
ଖସିବାର ଇଚ୍ଛା ନାହିଁ ତିଳେ
            ଲୋଡ଼ା ନାହିଁ ମୁକ୍ତି,
ଜନ୍ମ ଜନ୍ମାନ୍ତର ପାଇଁ
            ବାନ୍ଧି ହୋଇ ରହିବାକୁ
ହାତ କାଟି ଲେଖିଦେଲି
            କରିଦେଲି ଚୁକ୍ତି ।

ତୁମ ମନ ପଞ୍ଜୁରୀରେ
            ମୁଁ ପୋଷା ପକ୍ଷୀ
ସରାଗ ତୁମର
            ସରଗଠୁ ବଳି ସାଥୀ
            ପ୍ରୀତି ରଙ୍ଗ ଦିଅ ମାଖି
ଫୁଲରୁ ମହକ
            ଦେହଠାରୁ ଛାଇ
            ପାରେ କେ ଅଲଗା ରଖି ।

ଏଇ ମୋ ଜୀବନ
            ଅଲେଖା ପୃଷ୍ଠାରେ
ତୁମ ନାଁ ଦେଲି ଲେଖି
            ସୂର୍ଯ୍ୟ ଚନ୍ଦ୍ର ତାରା ସାକ୍ଷୀ
ନିଃଶ୍ୱାସ ଯେ ଯାଏ
            ଥିବ ମୋ ପ୍ରାଣରେ
ପାରିବିନି ସାଥି
            ତୁମକୁ କେବେ ଉପେକ୍ଷି ।

**ବଇଣ୍ଡା, ଅନୁଗୁଳ**

# ଝୁମି ଝୁମି ବର୍ଷା ନାଚେ



## ବାବାଜୀ ଚରଣ ଜେନା

ଝୁମି ଝୁମି ବର୍ଷା ନାଚେ
ଅନୁଢା କିଶୋରୀ ପରି
ନିଦାଘ ପରେ ଫେରିଛି
ନେଇ ଶୀତଳତା ବାରି
ଝୁମି ଝୁମି ବର୍ଷା ନାଚେ,,,,,।୦।

ପବନରେ ଆସି ସିଏ
ଛୁଇଁ ଯାଏ ଦେହ ମନ
ରିମଝିମ ଗୀତରେ ତା
ଭରି ଦିଏ ଶିହରଣ
ଆନମନା କରଇ ସେ
ସବୁଜିମା ରଙ୍ଗ ବୋଳି
ଝୁମି ଝୁମି ବର୍ଷା ନାଚେ,,,,,।୧।

ଆସି ପୁଣି ଫେରି ଯାଏ
କିଛି ପ୍ରିତି ନିଶା ଭରି
ଶୋଇବାକୁ ଦିଏ ନାହିଁ
ନିଦ ସବୁ କରେ ଚୋରି
ମୋ ସାଥିରେ ଏକା ଏକା
ଖେଳୁ ଥାଏ ଲୁଚକାଳି
ଝୁମି ଝୁମି ବର୍ଷା ନାଚେ,,,,,।୨।

ଅହଲ୍ୟା ନିବାସ
ପୋପରଡା, ନୂଆବଜାର, କଟକ

# ମାଆ ଭଗବତୀ



## ସୁରେଶ ଚନ୍ଦ୍ର ରଥ

ମାଆ ଭଗବତୀ ଜଗତ କଲ୍ୟାଣୀ
ବାଣପୁରେ ତୋର ସ୍ଥିତି
ଜଗତକୁ ଯେବେ ବିପଦ ପଡଇ
ହୋଇଯାଉ ଉପସ୍ଥିତି
ଶାଳିଆ କୂଳରେ ପବିତ୍ର ମନ୍ଦିର
କେଡେ ଶୋଭାବନ ଦୃଶ୍ୟ
ଭାଲେରୀ ସୋଲରୀ ଘଣ୍ଟ ଶିଳା ମଧ୍ୟେ
ଚିଲିକା ହ୍ରଦ ଅବଶ୍ୟ
ବାଣାସୁର ରାଜା ଗଡ କରିଥିଲା
ପାହାଡ ମଧ୍ୟରେ ଯାଇ
ସମଯୋଦ୍ଧା ତାର କେହି ତ ନ ଥିଲେ
ବିବାଦ କରିବା ପାଇଁ
ଅଚ୍ୟୁତରାଜପୁର ଶାସନର ମା'
ତୁହି ଯେ ଗ୍ରାମଦେବତୀ
ଆପଦ ବିପଦ କାଳରେ ଜନନୀ
ଲୋକେ କରିଥାନ୍ତି ସ୍ତୁତି

ପୂରୁବ ପଶ୍ଚିମ ଉତ୍ତର ଦକ୍ଷିଣେ
ଯାତ୍ରା କରୁ ସମୟରେ
ଭକ୍ତ ମାନଙ୍କର ଆନନ୍ଦ ଆଗ୍ରହ
ବର୍ଣ୍ଣନା କରି ନ ପାରେ
ସାତ ବଖରାରେ ସାତଭଗ୍ନୀ ସହ
କାଳାତିପାତ ତୁ କରୁ
ପରବ ପକ୍ଷରେ ମାଆ ଅଷ୍ଟଭୂଜା
ଉଗ୍ର ରୂପ ତୁହି ଧରୁ
ଭଗବତୀ ମୁଆଁ ଖାଇବାକୁ ଆଁ
କରିଥାନ୍ତି ଭକ୍ତଜନେ
ପ୍ରସାଦ ପାଇଲେ ଅଭୀଷ୍ଟ ପୂରଣ
ହୋଇଥାଏ ଶୁନ୍ୟେ ଶୁନ୍ୟେ
ତୋର ପାଦତଳେ ମଥା ଅବନତି
କରୁଛି ମା' ଦଣ୍ଡବତ
ଜଗତ କଲ୍ୟାଣ କର ମା' ଭବାନୀ
ସୁରେଶ ଟେକିଛି ହାତ

ଜଟଣି ,ଖୋର୍ଦ୍ଧା



# ଋତୁରେ ଋତୁରେ ଋତୁଚିତ୍ର

**କାଳିପ୍ରସାଦ ମହାପାତ୍ର**

ନଦୀନାଳ ସରୋବର ସହିତ
ସର୍ବତ୍ର ଶୁଷ୍କ ମରୁସମ ଲାଗୁଥିଲା
ଜଳ ସ୍ୱପ୍ନ ପରି ଲାଗୁଥିଲା
ଚାରିଆଡେ ତାତି ଆଉ ତାତି।

ଗଛପତ୍ର ଶୁଖିଯାଏ ଖୁଣ୍ଟ ପରି
ଘାସ ତାର ଅସ୍ତିତ୍ୱ ହରାଇଲା
ମୃଗତୃଷ୍ଣା ମାୟାଜାଲ କଲା
ସବୁ ଶୁଖିଲା ଶୁଖିଲା।

ଅଗ୍ନି ସମ ସୂର୍ଯ୍ୟାଂଶ ତେଜ
ତପ୍ତ ଏକ ମରୁତ ବଳୟ
ବଂଧନ କଲା ଧରାକୁ ସେ
ସବୁଖାଲି ତତଲା ।

ରାସ୍ତାଘାଟ ଖାଁ ଖାଁ ହେଲା
ପକ୍ଷୀର କାକଳି ଶୁଭିଲାନି
ଘରଦ୍ୱାର ବନ୍ଦ ହେଲା
ଗରମ ଡରରେ ।

ଘରେ ଶୁଭେ ବିଜୁଳି ପଂଖାର
ଘର୍ଘର ଶବ୍ଦ ଆଉ ଶୀତତାପ
ଯନ୍ତ୍ରର ଥଣ୍ଡା ଥଣ୍ଡା ପବନ
ତେବେ ଗ୍ରୀଷ୍ମ କି ପଳାଏ।

ପିଣ୍ଡାରେ ଖଟିଆ ପକେଇ
ଭଙ୍ଗା ତାଳ ବିଂଚଣାଟେ ଧରି
କେଁ କଟର ଶବ୍ଦ କରି କରି
ବିଞ୍ଚି ଚାଲେ ଅନବରତ।

ଝାଞ୍ଜି ପବନର ଗରମ ଦାଉ
ପିଠି ଦେହ ପୋଡିଯାଏ
ଘିମିରି ସବୁ ମୁଁହ କାଢି
ଛଟପଟ କରାଏ।

କାଳବୈଶାଖିର କରାଳରୂପ
ବିଜୁଳି ଓ ଘଡଘଡି ସହ
ମାଡିଆସେ କାଳପରି
ବାଦଲ ଫଟାଇ।

ଗୁଳୁଗୁଳି  ଧରି ତାର ରଂଗ
ପିଟେ ଛାଟ ଧରି  ହାତେ
ଛଟପଟ କରାଏ ସମସ୍ତଙ୍କୁ
ଦରମରା କରି।

ହେଲେ ସହିବାକୁ ପଡ଼ିବ
ବର୍ଷାର ଅନୁଭବ କରି
ଜଗତକୁ ଶାନ୍ତି ଦେବ
ଚଂଦନ ପରି।

କଂଦାଏ ହସାଇ ହସାଇବା ପାଇଁ
ଗ୍ରୀଷ୍ମ ଡାକି ଆଣେ ବର୍ଷା ରାଣୀଙ୍କୁ
ତରୁଲତା ସରୋବର ନଦୀ
ପୁଣି ହସି ହସାନ୍ତି।

ପୂର୍ଣ୍ଣ ହୁଏ ଧରଣୀର କୋଳ
ଶସ୍ୟଶାମଳା ଭରିଦିଏ ଦେହ
ଚାରିଆଡେ ଦେଖି ହସିଦିଏ
ଆନନ୍ଦିତ ହୋଇ।

ଖରା ପରେ ବର୍ଷା ଦେଖାଦିଏ
ବର୍ଷାର ଶେଷେ ଶୀତ ଆସେ
ଶୀତ ପରେ ଖରା ହୁଏ
ଇଏ ତ ଋତୁଚକ୍ର।

**ବନ୍ଧୁଗାଁ,କୋରାପୁଟ**

# ଗୁଣ୍ଡିଚା ଯାତ



**ଜ୍ୟୋତିପ୍ରଭା ପଟ୍ଟନାୟକ**

ଘନ କାଳିଆରେ ବନ ମାଳିଆରେ
ଶିଖି ଚୂଳିଆରେ, କାହିଁକି ହେଉ ଅବୁଝା
ଧନ କାହିଁକି ହେଉ ଅବୁଝା

ସଅଳ ସଅଳ ରଥକୁ ଆସିବୁ
ଭକତଙ୍କୁ ଟିକେ ଦରଶନ ଦେବୁ
ବଡ଼ଦାଣ୍ଡେ ଦେଖ ଶରଧା ବାଲିରେ
ତିନି ରଥ ହେଲେ ସଜା
ଧନ କାହିଁକି ହେଉ ଅବୁଝା

ନଚାଇ ନଚାଇ ଛେଚା କଚାଖାଇ
ଖୋଳ ତାଳ ମାଡ଼ ଉଛୁଳି ପଡଇ
ହରିବୋଲ ହୁଳ ହୁଳି ଶବଦରେ
ବାଜଇ ତେଲିଙ୍ଗି ବାଜା
ଧନ କାହିଁକି ହେଉ ଅବୁଝା

ଭାଇ ଓ ଭଉଣୀ ରଥକୁ ଗଲେଣି
ତୋ ପହଣ୍ଡି ବେଳ ଉଛୁର ହେଲାଣି
ସଅଳ ପହଣ୍ଡି ହୋଇବୁ ଧନରେ
ଆସ ମୋ କାଳିଆ ରଜା
ଧନ କାହିଁକି ହେଉ ଅବୁଝା

ତୋର ଲୀଳାଖେଳା କେ ପାରିବ ବୁଝି
ଅବା କେଉଁ ଭକ୍ତ ଆସିବାର ଅଛି
ସେଥିପାଇଁ କରୁ ଏତେ ନଟଖଟ
ତୋତେ ଗୁହାରି କରନ୍ତି ରାଜା
ଧନ କାହିଁକି ହେଉ ଅବୁଝା

ଭାଇଭଉଣୀଙ୍କୁ ସଙ୍ଗତରେ ନେବୁ
ଜନମ ବେଦୀକୁ ବୁଲିବାକୁ ଯିବୁ
ବରଷକେ ଥରେ ତୋ ରଥ ଯାତ୍ରାରେ
ଭକ୍ତ କରୁଥାନ୍ତି ତୋର ପୂଜା
ଧନ କାହିଁକି ହେଉ ଅବୁଝା

ବଡ଼ ଦେଉଳକୁ ଆସିବୁ ବାହୁଡ଼ି
ପୋଡ଼ପିଠା ଖାଇ ମାଉସୀଙ୍କ ବାଡ଼ି
ଭକତଙ୍କ ଲାଗି ସୁନାବେଶ ହୋଇ
ଅଧର ପଣା ପିଇଜା
ଧନ କାହିଁକି ହେଉ ଅବୁଝା

ରତ୍ନ ସିଂହାସନ ପଡିଥିଲା ଶୂନ୍ୟ
ଆନନ୍ଦ ବଜାର ଲାଗୁଥିଲା ଭିନ୍ନ
ରସଗୋଲା ଦେଇ ଲକ୍ଷ୍ମୀ ମନ ନେଇ
ବଡ଼ ଦେଉଳେ ପାଆ ତୁ ପୂଜା
ଧନ କାହିଁକି ହେଉ ଅବୁଝା

ରଥ ଯାତରାକୁ ନେ ମୋତେ ଥରେ
ଦର୍ଶନ କରିବି ଶ୍ରୀଜୀଉ ରଥରେ
ସତେ ଭାଗ୍ୟ ହେବ ଦେଖିବି ମାଧବ
କରିବି ତୋ ପାଦ ପୂଜା
ଧନ କାହିଁକି ହେଉ ଅବୁଝା

ଖୋର୍ଦ୍ଧା

# ଛଦ୍ମବେଶୀ କବି



**ବଳରାମ ତରାଇ**

ମୁଁ ତ ଏକ କବି    କବିତା ଲେଖିବା
ପଢିବା ମୋହର ହବି,
କବିତାକୁ ଲେଖି    ସମାଜ ଦେହରେ
ଆଙ୍କି ଦିଏ ଏକ ଛବି ।
ସତ୍ୟର ସନ୍ଧାନ    କରୁଥାଏ ସଦା
ସତ୍ୟପ୍ରକାଶ ମୋ ନାମ,
କବି କବୟିତ୍ରୀ    ମାନଙ୍କୁ ଉପାଧି
ଦାନ କରିବା ମୋ କାମ ।
ତୁମେ ଯଦି ମୋତେ    ଗୋଟିଏ ଉପାଧି
ଦେଇଦେବ ଆନନ୍ଦରେ,
ସାହିତ୍ୟ ସର୍ଜନା    ଥାଉ କି ନଥାଉ
ଉପାଧି ଦେବି ସତରେ ।
ବୁଲିକ ଯାଉ ମୋ    ପ୍ରାଚୀନ ସଂସ୍କୃତି
ଧ୍ୱଂସ ହୋଇଯାଉ ସବୁ ,
ମାନପତ୍ର ଆଉ    ଉପାଧି ବଳରେ
ସଭିଙ୍କୁ କରିବି କାବୁ ।

ଏମିତି ଦଲାଲ    ଅଛନ୍ତି କେତେକ
କରୁଥାନ୍ତି ବ୍ୟବସାୟ ,
ପ୍ରକୃତ ସାଧକ    ସାଧିକା ଦେଖିଣ
ହୋଇଲେଣି ଅସହାୟ ।
ସାହିତ୍ୟ ସାଧନା    ନଥିଲେ ତାଙ୍କର
ମାନପତ୍ରେ ନାହିଁ ଲାଭ,
ସୁଧରି ଯାଅରେ    ସାହିତ୍ୟ ଦଲାଲ
ଛାଡ଼ି ଦିଅ ଏତେ ଲୋଭ ।
ଯାହା ମୁଁ ଦେଖୁଛି    ତାହା ମୁଁ କହୁଛି
ଲାଭ କ୍ଷତି ମୋର ନାହିଁ,
ବଳରାମ କହେ    ସୁବୁଦ୍ଧି ଦିଅନ୍ତୁ
ତାହାଙ୍କୁ ଜଗତସାଇଁ ।

**ହାଟ ବରଡ଼ି, ଗଇନଡ଼ା , ଖୋର୍ଦ୍ଧା**



# ସୁଶ୍ରୀ ଗଙ୍ଗଶିଉଳି

## ନିରଞ୍ଜନ ସାମନ୍ତରାୟ

ବିଭାବରୀ ରାଣୀ ସୁନ୍ଦରୀ ସୁଶ୍ରୀ ଗଙ୍ଗଶିଉଳି ।
ସର୍ବରୀ ଲଗ୍ନରେ ଦିଅଇ ତାର ପାଖୁଡ଼ା ମେଲି ।
ନିଶାର୍ଦ୍ଧରେ ନବବଧୂ ବେଶରେ ତାର ଶୃଙ୍ଗାର ।
ନାରଙ୍ଗୀ କୁଙ୍କୁମ ଶୋଭଇ ଶ୍ୱେତ ବଦନେ ତାର ।
କେଶରୀ ବେଣୀରେ ହୋଇଛି ବୋଳା ବାସ୍ନା ଅତର ।
ସେଥିପାଇଁ ଅବା ରାତ୍ରିରେ ଆସେ ମହକ ତା'ର ।

ଭୂମିଷ୍ଠ ହୋଇଣ ହାରଇ ସତୀ ନବ ଯୌବନ ।
ତୃପ୍ତି ଯେ ପାରେନା ମଧୁପ ତାର ତନୁ ବଦନ ।
ତାହାର ଜନମ କେବଳ ଦୀନନାଥଙ୍କ ପାଇଁ ।
ସମର୍ପଣ କରେ ନିଜକୁ ରବି ଚରଣ ଛୁଇଁ ।
ଥିବାରୁ ମଧୁର ସମ୍ପର୍କ ତପନର ସଙ୍ଗତେ ।
ଗୋଟି ଗୋଟି ପୁଷ୍ପ ଲୋଟଇ ରବିଙ୍କର ଆଗତେ ।

ସମ୍ବନ୍ଧରୁ ପ୍ରେମ ପ୍ରେମରୁ ସମ୍ବନ୍ଧ ଜନ୍ମଇ ।
ପ୍ରେମର ଡୋରିରେ ସମ୍ବନ୍ଧ ସବୁ ହୁଏ ବନ୍ଧେଇ ।
ପଞ୍ଚ ଭାବ ମନ୍ତ୍ର ରଜ୍ଜୁରେ ବନ୍ଧା ପ୍ରେମ ସମ୍ବନ୍ଧ ।
ତନ୍ମଧ୍ୟରୁ ଊଣା ହୋଇଲେ ଏକ ଆସେ ବିଷାଦ ।
ବଚନେ, କଥନେ, ହୃଦରେ ଥିଲେ ଭାବ, ବିଶ୍ୱାସ ।
ଆଶ୍ୱାସନା ବାଣୀ ଜନମାଏ ସମ୍ବନ୍ଧ ସୁଧା ରସ ।

ବାଙ୍କୋଇ, ଖୋରଧା

# ପଶ୍ଚାତାପ

**ଅକ୍ଷୟ ମହାନ୍ତି ନିର୍ମାଲ୍ୟ**



ସୁନ୍ଦରୀ ଶିକ୍ଷିତା
ଯଉବନ ପ୍ରାପ୍ତା
କରିଲୁ କାଳିଆ ମୋତେ
ସେହି ବୟସରେ
ଗୋଡ ଖସିଯାଏ
ଅବାଟରେ ଗଲି କେତେ।

ସୁମିଷ୍ଟ ଭାଷା ବି
ଓଠେ ଦେଇ ଦେଲୁ
କଥାରେ ମୋହିଲି ମନ
ଅବୁଝା ଲୋକକୁ
ବୁଝାଇ ଦେଲି ମୁଁ
ଲଗାଇଲି ତାଙ୍କୁ ଚୂନ।

କଥାରେ ଭାଷାରେ
ମାଦକତା ଥିଲା
ଥିଲା ମୋର ଯଉବନ
ଯା'ଘରେ ରହିଲି
ଭଡା ବି ଦେଲିନି
ଲୁଟିଲି ତା ଘର ଧନ।

ପ୍ରଶାସନ ଠାରୁ
ପୁଲିସ ଯାଏ ତ
ସଭିଙ୍କ ବାନ୍ଧବୀ ମୁହିଁ
କିଏ ଡାକେ' ଅପା'
କିଏ ଡାକେ 'ନାନୀ'
ତତ୍ପର ସାହାଯ୍ୟ ପାଇଁ।

ସମାଜ ଭିତରେ
ମୋ ପରି ନାରୀଙ୍କ
ଅଧପତନ ହିଁ ହୁଏ
ମୋ ଠାରୁ ବୟସ୍କା
ମହିଳାଙ୍କ ଠାରୁ
ଅଭିଜ୍ଞତା ଶୁଣିଥାଏ।

ସୌନ୍ଦର୍ଯ୍ୟ ଆଉ
ଯଉବନ ଲାଗି
ଅନେକଙ୍କୁ ଠକି ଦେଲି
ଉଧାରକୁ ନିଶ୍ଚେ
ବଦଳ ହୋଇବ
ଏବେ ଅନୁତାପ କଲି।

ଯାହା ହେଉ ପଛେ
ମୋହର ହିଁ ହେଉ
ପିଲାଙ୍କୁ ନ ଦେଏ ଦୁଃଖ
ଜୀବନରେ ମୁହିଁ
ବହୁ ଭୁଲ କରି
ପାଇଛି ଅନେକ ସୁଖ।



# କହିବ କିଏ ?????

**ସୁକାନ୍ତି ମିଶ୍ର**

ରାତି ଓଠ ଚୁମି ଋତୁ ଅଗଣାଟି
        ଗୁଣୁଗୁଣୁ ହୋଇ କି ଗୀତ ଗାଏ....
ଚଗଲା ଭଅଁର ଛପିଛପି ଆସି
        ଟିକି ଫୁଲ କାନେ କି କଥା କହେ....!!

ସୁଲୁସୁଲୁ ବହି ଥିରି ପବନଟି
        ନଈ ପଣତରେ କି ଚିଠିଲେଖେ...
ଲାଜେଲାଜେ ଚାନ୍ଦ ଓଢଣା ଫାଙ୍କରେ
        ମାଟି ଚାଙ୍ଗୁଡିରେ କା' ମୁହଁ ଦେଖେ....!!

ମନ ଅଗଣାରେ କାହା ଅଭିସାରେ
        ଜହ୍ନ ପାରିଦିଏ କଅଁଳ ଝୋଟି....
କେଉଁ ଅନୁରାଗେ ଭସା ବାଦଲଟି
        ଚୁମିଯାଏ ହସି ଗେରୁଆମାଟି.....!!!

କାହା ସପନର କଅଁଳ ଛୁଆଁରେ
        ସାଧବବୋହୂଟି ଲାଜେଇ ଯାଏ...
ପୁଚି ଖେଳିଖେଳି ଅଝଟି ଝରଣା
        ସେ କେଉଁ ସରାଗେ ଆଗକୁ ଧାଏଁ.....,

କହିବ କିଏ....?????

" ସମ୍ପର୍କ "
ସାରସ୍ୱତ ନଗର, ପୁରୀ



# ଅପବାଦ ଓ ବର୍ଷା

**ସୁରଞ୍ଜନ ପାତ୍ର**

ବରଷା ଆସିଲେ କେତେକଥା ମୋର
ମରମେ କୁହୁକେ ସତେ
ଦିନେ ଏ ବରଷା ଝିଅଟିଏ ହୋଇ
ଲେଖିଥିଲା ଚିଠି ମୋତେ ।।୦।।

ଲାଜୁକି ସଞ୍ଜେ ଛପିଛପି ପୁଣି
ନଈପଠା ଝାଉଁବଣେ
ବଢ଼ିଲା ବୟସ ଗୋପନ କଥାକୁ
କହିଥିଲା ମୋର କାନେ ।

ଆଜି ଏ ବରଷା ନିଆଁ ହୁଳାହୋଇ
ଜଳାଇ ମାରୁଛି କେତେ
ଦିନେ ଏ ବରଷା ଝିଅଟିଏ ହୋଇ
ଲେଖିଥିଲା ଚିଠି ମୋତେ ।।୧।।

ହୃଦୟ ବେଦନା ବୁଝିବାକୁ ହାୟେ
କେହିନାହିଁ ଏଠି ମୋର
ଏକା ଏ ବରଷା ଉଜାଡ଼ି ଯେ ଦେଲା
ମୋ' ମନର ଛୋଟଘର ।

ସରଳ ପଣେ ମୋ' ଅପବାଦ ଭରି
ଫେରିଗଲା ନିଜପଥେ
ଦିନେ ଏ ବରଷା ଝିଅଟିଏ ହୋଇ
ଲେଖିଥିଲା ଚିଠି ମୋତେ ।।୨।।

ସଂପାଦକ
ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର

# ମୃତ୍ୟୁ ପଥେ



**ସୁନୀଲ ନାୟକ**

ଶୁଆଇ ଆସିବେ ମଶାଣି କୁଇରେ
ହେବୁ ତୁହି ଅଗ୍ନିଗର୍ଭା
ଭସ୍ମଚିତା ତଳେ ମିଶିବୁ ମାଟିରେ
ସାଥେ ଥିବ କିଏ ଅବା ।।

ଘଡିଏ କାନ୍ଦିବେ ଭୂଇଁରେ ଲୋଟିବେ
ଛାଡି ଚାଲିଗଲୁ ବୋଲି
ଆଜି ମଲେ ଧନ କାଲିକି ଦି' ଦିନ
ଜୀବନଟା ଚୋରାବାଲି ।।

ଦୁଆରେ ଛିଞ୍ଚିବେ ଗୋବର ପାଣିଲୋ
ସଙ୍ଗରେ ନ ଥିବେ କେହି
ପ୍ରେତଜନ୍ମା ହୋଇ ଘୁରି ବୁଲୁଥିବୁ
କାନ୍ଦୁଥିବୁ କଇଁ କଇଁ ।।

ଆସିଥିଲୁ ତୁହି ଏକାରେ କୁମର
ଚାଲିଯିବୁ ଏକା ଏକା
ମୃତ୍ୟୁ ପଥେ କେହି ନଥିବେ ସଙ୍ଗର
ଧର୍ମ ଏକା ତୋର ସଖା ।।

ଅସ୍ତରଙ୍ଗ, ପୁରୀ



# ଓଏସିସ୍

**ଶୈଳେନ୍ଦ୍ର ନାରାୟଣ ବେହେରା**

ମନ୍ତ୍ରମୁଗ୍ଧ ପୁରୁଷଟିଏ ମୁଁ
ତୁମ ଗୁଣରେ ବନ୍ଧା ପଡ଼ିଛି
ଅହଂକାରକୁ କରଜ ଦେଇ ମୁଁ
ପଣତ ତଳେ ଆଶ୍ରା ନେଇଛି ।

ଅମାନିଆ ଅଶ୍ରୁ ଯେ ବାଟ ଖୋଜୁଛି
ତଟିନୀ ପ୍ରାୟେ ସେ ବୋହିଯାଉଅଛି
ରୋକିବ ନାହିଁ କେବେ ବି ତାକୁ
କଳ କଳ ନାଦ ତା'ର ଭଲ ଲାଗୁଛି ।

ସୁନ୍ଦରତାର ପୋଖରୀରେ
ତୁମେ ଏକ ନୀରବ ପ୍ରତିଫଳନ
ସୀମିତ ମୋର ଦୃଷ୍ଟିଭଙ୍ଗୀ ଆଜି
ଯାଇଛି ହୋଇ ଏକ ଅବଲମ୍ବନ ।

ତୁମେ ମୋ ହୃଦୟର ଭାଷା
ହେଲେବି,
କେଜାଣି କାହିଁକି ମୋତେ ଲାଗେ
ମୁଁ ତୁମ ଯୋଗ୍ୟ ନୁହେଁ ।

ମୋ ନିରବ ଅହଂକାର
ବାଟ ଛାଡେନା ମୋତେ
ତୁମ ଏରୁଣ୍ଡି ଡେଇଁଯିବା ପାଇଁ
ବାଧା ବିଘ୍ନ ଆସୁ ଯେତେ ।

ଭୁବନେଶ୍ୱର

# କାଶ୍ମୀର କୀ କଲି

ସୁମିତା ବେହେରା ବାପି



ମୁଁ ପ୍ରତି ରାତିରେ ଶୋଇଗଲା ପରେ
ତୁମ ଖୁସି ଥାଏ ମୋବାଇଲରେ,
ନୂଆ ନୂଆ କିଛି ସାଥୀ ବୋଧହୁଏ
ପାଇଛ ଲାଗୁଚି ଫେସ୍ ବୁକ୍ ରେ ।

ତୁମେ ଭାବୁଥିବ ବୋକୀ ମାଇପିଟା
ଆହା ବିଚାରୀଟି ଶାନ୍ତିରେ ଶୋଉ,
ସଙ୍ଗିନୀ ସଙ୍ଗରେ ରଙ୍ଗୀନ ହେଇକି
ଆନନ୍ଦରେ ମୋର ରାତିଟି ଯାଉ ।

ହେଇଟି ଜାଣିଥା' ଫେସ୍ ବୁକ୍ ରେ ମୁଁ
ନୂଆ ସାଙ୍ଗ ଗୋଟେ ପାଇ ସାରିଛି,
ଗାଉଁଲି ନୁହେଁ ମୁଁ କାଶ୍ମୀର କୀ କଲି
ଏବେ ଏବେ ସିଏ ମୋ ନାଁ ରଖିଛି ।

ଅର୍ଦ୍ଧାଙ୍ଗିନୀ ଯଦି ହିସାବ କିତାବ
ବରାବର ତେଣୁ କରି ମୁଁ ଦେଲି,
ତୁମ ବାଟେ ତୁମେ ଖୁସି ରହିଥାଅ
ମୋ ବାଟରେ ମୁଁ ବି ଖୁସି ରହିଲି ।

ଭୁବନେଶ୍ୱର



# ମରିବା ତୁଣ୍ଡରେ ଧଅନି

**ରାଜାରାମ ବେହେରା**

ତୁ' ଯଦି ସତେ ଏବେ ମରିଯାଉ
କେମିତି ବଞ୍ଚିବି କହନି,
ଭାବିଲା ବେଳକୁ ଅନ୍ଧାର ଦିଶୁଛି
ଥଳ, କୂଳ କିଛି ପାଉନି!
ସଂସାର ଜଂଜାଳ ମୁଣ୍ଡେଇ ଚାଲିଛୁ
ସେ ସବୁ ମୋ' ମୁଣ୍ଡେ ପଶେନି,
ମରିଯାଉ ଯଦି କିଏ ସେ ବୁଝିବ
ମୋତେ ତୁ' ବୁଝେଇ ଦେଏନି!
ସବୁ ବୁଝୁ ବୋଲି ମୁଁ ଫୁଲା ଫାଙ୍କିଆ
ଝାମେଲାରେ ମୋତେ ପଶେନି,
ସଂଗୀତ, ନାଟକ, କବିତାକୁ ଛାଡ଼ି
ଆଉ କିଛି କଥା ବୁଝେନି !
ନାଟକରୁ ରଙ୍ଗ, କବିତାରୁ ଛନ୍ଦ
ସଂଗୀତର ରାଗ, ରାଗିଣୀ,
ସବୁ ଲିଭିଯିବ, ସବୁ ହଜି ଯିବ
ତୁ' ଯଦି ଯିବୁଲୋ ମଶାଣି !
ରାଉ ରାଉ ପଛେ ଏମିତି ହେଉଥା
ମରିଯିବା କଥା କହନି,
ମୁଁ ଥିବା ଯାଏ ଥାଆ ମୋ' ସାଙ୍ଗରେ
ମରିବା ତୁଣ୍ଡରେ ଧଅନି!
ତୁ' ଅଛୁ ବୋଲି ଅଛି ମୁଁ ସଂସାରେ
ସଂସାର ଉତ୍ତାପ କାଟୁନି,
ତୋ' ଅଭାବ କିବା ପୂରଣ କରିବେ
ପୁଅ, ଝିଅ, ନାତି, ନାତୁଣୀ?

ଶକ୍ତିନଗର, ଖୋର୍ଦ୍ଧା



# ବୋଉ

**ପୂର୍ଣ୍ଣ ଦାସ**

କୁହୁଳା ଚୁଲିରେ ଫୁଟୁଥିଲା ଭାତ
ଓଳିରୁ ଗଡ଼ିଲା ପାଣି,
ଖାତାଚିରି କଲି କାଗଜଡଙ୍ଗା,
ମୋ' ଦେହ ପୋଛିଲା ତୋ କାନି ।

ତେଣେ ଶ୍ରାବଣର ଓଦା ଆକାଶ ତ
ପତାତଳେ ଲୁହଧାର,
ଦରଦୀ ଦୁଃଖର ଭଙ୍ଗା ପଥୁରୀରେ
ବୋଉ ବାଢ଼େ କ୍ଷୀରସର ।

**କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର**

# ହେ ଜଗନ୍ନାଥ !!

ଦିବାକର ନାୟକ



ଭବ-ଦରିଆକୁ ମୋର
ଆଉ ନାହିଁ ତିଳେ ଡର
ହେ ଜଗତନାଥ ! ଭରସା ଏକା ମୋ'
ଚରଣ-ତରଣୀ ତୋର ।୦।

ଆସୁ ମାଳମାଳ ଉଚ୍ଛୁଳା ଲହରୀ
ମାୟାରେ ଦୂଷିତ ହୋଇ
ଅବା ତିଳତିଳ ଲୋଭର ଗହଣା
କାୟାରେ ଭୂଷିତ ହୋଇ

ସେ ମାୟା ଲୋଭକୁ ମୋର
ଆଉ  ନାହିଁ  ତିଳେ ଡର
କାଳିଆ ସାଆନ୍ତ ଅରପିଛି ତୋତେ
ଭକତି-ଆହୁଲା ମୋର..
ଭବ-ଦରିଆକୁ ମୋର
ଆଉ ନାହିଁ ତିଳେ ଡର ।୧।

ଜଗତଠାକୁର ବଇକୁଣ୍ଠ ତୋର
ମୁକତିର ବେଳାଭୂଇଁ
ଛୁଇଁବା ପାଇଁ ମୋ' ଜୀବନ-ଆକାଶୁ
ଆତ୍ମା-ସୂର୍ଯ୍ୟ ଯାଉ ନଇଁ

ଆଉ କାହା ଲାଗି ମୋର
ମନେ  ନାହିଁ  ତିଳେ ଡର
ଚକାଡୋଳା ତୁ ମୋ' ହୃଦୟ-ଆସନେ
ଚେତନାର ଅଧିଶ୍ବର..
ଭବ-ଦରିଆକୁ ମୋର
ଆଉ ନାହିଁ ତିଳେ ଡର ।୨।

ପାଟପୁର, କନିସି, ଗୋଳନ୍ଥରା, ଗଞ୍ଜାମ

# ସିଏ

**ବିନୟ ମିଶ୍ର**



ନୟନରେ ତା'ର
ଦେଖେ ଯେଉଁ ଛବି,
ପ୍ରତିଫଳିତ ମୋ' ମନେ,
ଆଖିର ପଲକ
ଯେଉଁ ଭାଷା କହେ,
ଭାସି ଆସେ କାନେ କାନେ ।

ଗଜରା ମହକ
କବରୀରୁ ଝରି,
ମୃଦୁ ମଳୟରେ ବାସେ,
ମତୁଆଲା ହୁଏ
ମନ ଯେ ମୋହର
ପ୍ରୀତିର ମଧୁର ରସେ।

**ଭୁବନେଶ୍ୱର**



# ହୃଦୟ ଦେବତା

**ବିଜୟ କୁମାର ଜେନା**

ସବୁରି ହୃଦୟେ  ବିରାଜିତ ପ୍ରଭୁ
ସବୁରି ପରାଣ ଧନ
ଦରଶନ ଦେବୁ  ନିତ୍ୟ ନୀଳାଚଳେ
ଏଇ ମୋର ନିବେଦନ।
ପୂର୍ବଜନ୍ମ ପାପ  ରହିଛି କେତେକ
କରିଦେବ ପ୍ରକ୍ଷାଳନ
ପ୍ରାଣର କରତା ମୋ  ରଙ୍କୁଣୀ ଧନ
ନେତ ଉଡେ ତ୍ରିଭୁବନ।
ପ୍ରେମମୟ ହରି  କେଡେ ଯେ ସୁନ୍ଦର
ତୁମର ସେ ଚକାଡୋଳା
ତୋ ଡୋର ଲାଗିଲେ  ଆପେ ଟାଣି ହୁଏ
ଦେଖିବାକୁ ଲୀଳା ଖେଳା।
ପ୍ରତି ଜନମରେ  ହେ ଚକା ନୟନ
ଆସୁଥିବ ମୋର କତି
ତୁମ ନାମ ଜପି  ପାହି ଯାଉ ଥିବ
ଅଜଣା ଯେ କାଳ ରାତି।
କଳି ଯୁଗେ ତୁମ  ନାମକୁ ଜପିଲେ
ମିଳିବ ନିଶ୍ଚୟ ମୁକ୍ତି
ଏଇ ବିଶ୍ୱାସରେ  ସରିବ ମୋ ବେଳ
ଜଗନ୍ନାଥ ଦିଅ ଶକ୍ତି।

**ଶାମୁକା ସାହି, ରଣପୁର, ନୟାଗଡ଼**

# ମହମହ ବାସ



**ଆଶୁତୋଷ ମେହେର**

ମହମହ ଚିଠି ବାସୁଛି ସତରେ
ତୁଳସୀ ଦୟଣା ବାସେ,
କାଳିଆ ହାତରେ ଲେଖିଛି,"ସଙ୍ଗାତେ
ରଥ ଯାତରାକୁ ଆସେ"......।।୦।।

ଅମାନିଆ ହୋଇ ଗାଧୋଇ ପଡ଼ିଲି
ଶହେ ଆଠ ଗରା ପାଣି,
ଜରେ ଥରହର କମ୍ପୁଛି ଶରୀର
ଅଥୟ ହେଲାଣି ଠାଣି,
ଆସିବୁ ସଙ୍ଗାତେ କଥା ଦୁଇ ପଦ
ଶୁଣିବାକୁ ମନ ଆଶେ.....।।୧।।

ଗଡୁଛି ପଲଙ୍କେ ଲାଗେ ଏକାଏକା
ଅନ୍ଧାର ଗମ୍ଭୀରା ଘର,
ଅଣସରେ ଏଠି ଚିକିଟା ଲାଗୁଛି
ହଂସା ଉଡିଲାଣି ମୋର,
ଭକତକୁ ଛାଡ଼ି ଭଗବାନ କଣ
କାହା ଦୁଃଖ କିଏ ନାଶେ.....।।୨।।

ବଇଦଙ୍କ ପଥି  ଖାଇଖାଇ ପାଟି
ଶୋଥା ଧରିଲାଣି ସତେ,
ଛପନ ପଉଟି ସପନ ଏବେ ତ'
ଝୁମୁରା ଆସୁନି ମତେ,
ଖୁଦ ଭଜା ମୁଠେ ଆଣିବ ସଙ୍ଗାତେ
ସେ ବାସ ମୋ' ନାକେ ବାସେ......।।୩।।

**୫୪ ଆର୍ଯ୍ୟପଲ୍ଲୀ, କିଟ୍ ଛକ, ପଟିଆ
ଭୁବନେଶ୍ୱର**



# ମୁଁ ଏକ ନିରୀହ କବି

ରମେଶ ମଙ୍ଗରାଜ

ଅଢ଼େଇ ଦିନର କୁଣିଆଟିଏ ମୁଁ
ଆଜି ଅଛି କାଲି ଯିବି
କାହିଁକି କା' ସାଥେ ସଂପର୍କ ଯୋଡ଼ି ମୁଁ
କା' ପାଇଁକି ବୋଝ ହେବି।।୦।।

ସଂପର୍କ ଏମିତି ବେଳେବେଳେ ଆସେ
ଫଗୁଣର ରଂଗ ବୋଳି
ସଂପର୍କ ତୁଟିଲେ ଲୁହର ଶ୍ରାବଣ
ଭିଜେଇକି ଯାଏ ଚାଲି

ସଂପର୍କ ତ କେବେ ଆପଣା ଲାଗଇ
କେବେ ଲାଗେ ଜଳଛବି।।୧।।
ଅଢ଼େଇ ଦିନର.......

ସଂପର୍କ ବଢ଼ାଏ ସେନେହ ସରାଗ
ମମତା ମଧୁର ପ୍ରୀତି
ଭଙ୍ଗା ସଂପର୍କରେ ଜୀବନ ଲାଗଇ
ଉଜୁଡ଼ା ସ୍ମୃତିର ଗୀତି

ସଂପର୍କ ଡୋରିରେ ବାନ୍ଧନାହିଁ ମୋତେ
ମୁଁ ଏକ ନିରୀହ କବି।।୨।।
ଅଢ଼େଇ ଦିନର.......

କବି ଓ କବିତା ଭବନ,
ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା



# ଆହେ ମହାବାହୁ.......

କୃଷ୍ଣପ୍ରିୟା ମହାପାତ୍ର

ଜୀବନ  ବଡ଼ଦାଣ୍ଡରେ,  ଶରୀର ମୋ' ରଥ
ହୃଦୟ ସିଂହାସନରେ, ବସ  ଜଗନ୍ନାଥ।
ସମର୍ପି ଦେଇଛି ମନ, ଆହେ ମହାବାହୁ,
ତୁଣ୍ଡେ ମୋର ହରି ନାମ, ସଦା ରହି ଥାଉ।

ଇନ୍ଦ୍ରିୟ ଦଉଡି ମୋର, ବିବେକ ସାରଥି,
ଭକ୍ତିଭାବ ସମର୍ପଣ ରଥକୁ ଟାଣନ୍ତି।
ଲୁହରେ ଧୋଇ ପାଦ ମୁଁ ଶରଣ ପଶୁଛି,
ନୈବେଦ୍ୟ ଦେବାକୁ ପ୍ରଭୁ ନାହିଁ ମୋ' ଶକତି।

ଏ ଜୀବନ ତୁମ ଦାନ, ଏ ସଂସାର ତୁମ
ଆଖିରେ ଦେଖଇ ଯାହା,ବସ୍ତୁ ଅନୁପମ।
ଗଢିଥାଅ ଭାଙ୍ଗିଥାଅ, ଆଖି ପଲକରେ
ମୋର କିଛି ନାହିଁ ଦେବି , ତୁମ ପାଦ ତଳେ।

କ୍ଷଣିକ ଆୟୁଷ ପାଇଁ, ଅନେକ ଯାଚନା
ମାୟାରେ ଘାଣ୍ଟୁଛ ଖାଲି, ପାଉଛି ଯାତନା।
ଦର୍ଶନ କରିବି ପ୍ରଭୁ ବେନି ଏ ନୟନେ,
ଭବ ସାଗରରୁ ପାରି କର ଦୀନଜନେ।

ଜନ୍ମମୃତ୍ୟୁ ବନ୍ଧନରୁ ଉଦ୍ଧାର ହୋଇବି
ଆଶା ତୁମ ପାଦ ତଳେ ଲୀନ ହୋଇଯିବି
ଯଦି ଜନ୍ମଦେବ ପ୍ରଭୁ ଅସାର ସଂସାରେ
ସେବକ ହୋଇ ରହିବି ତୁମ ଶ୍ରୀପୟରେ।

ଜେନାମଠ ଲେନ, ପୁରୀ

# ଏକା

ପ୍ରଜ୍ଞା ମହାନ୍ତି

ମୁଁ କେବେ ବି ନଥାଏ ଏକା
ଅତୀତ ବର୍ତ୍ତମାନ ଭବିଷ୍ୟତ ସହ
ସବୁଦିନ ହୁଏ ଦେଖା।

ଅତୀତର କାନି ମୁଠାଇ ଧରିଲେ
ଗଲା, ସୁଖ-ଦୁଃଖ ମନେ ଭାସେ
ବର୍ତ୍ତମାନ ପରା ଜଞ୍ଜାଳଭରା
ଭବିଷ୍ୟତ ଚିନ୍ତା ଗ୍ରାସେ।

ଏକା ବୋଲି ଯଦି ଭାବୁଛ ନିଜକୁ,
ନିଜ ଭିତରକୁ ଟିକେଯାଅ,
ଏକାଏକା ଖୋଜି ବୁଲୁଛ ଯାହାକୁ
ତାକୁ ଅନ୍ତର ଭିତରେ ପାଅ।

ମୁଁ ନିଜକୁ ଭାବେନା ଏକା,
ଚୁପ୍ କରି ପରା କ୍ଷଣେ ବସିଗଲେ
ଦେଖାକରେ ମୋ' ସୃଜନସଖା।

ଆସ, ନିଜକୁ ଭାବିବାନି ଏକା
ଭଲ-ମନ୍ଦ ସୁଖ-ଦୁଃଖରୁ ଜଣେ
ସଂଗେଥିବ ଆମ ପକ୍‌କା ।।

ମାତୃ ନିବାସ, ମାତୃ ବିହାର,
ବୁଢ଼ାରାଜା, ସମ୍ବଲପୁର



# ଶ୍ରୀକୃଷ୍ଣ ଜଣାଣ

**ବାସୁଦେବ ସାହୁ**

ପାଣ୍ଡବ ବାନ୍ଧବ କୃଷ୍ଣ କେଶବ
କେଉଁ ଦୋଷେ ଦଣ୍ଡ ଦିଅ ମାଧବ ।
ଶ୍ରଦ୍ଧା ଭକ୍ତିରେ କି ହେଲା ଅଭାବ
କେଉଁ କର୍ମଫଳ ଭୋଗୁ ପାଣ୍ଡବ ।
ଆହେ ବାସୁଦେବ
ଦାଣ୍ଡକୁ ଏହା କି ଶୋଭା ଦିଶିବ ।।

ଖୋର୍ଦ୍ଧା

# ଗଛକୁ ନମଣ ତୁଛ

ବିରଜା ତ୍ରିପାଠୀ

ବଉଳ ଗଛଟି କହେ ନିରବେ
ମୋର କଥା ତୁମେ ଶୁଣ ସରବେ
ମାଳି ପାଶେ ଚାରା ଥିଲି
କାହାର କେଜାଣି ଜନ୍ମଦିନ ଲାଗି
ସୁଲଭରେ ବିକା ହେଲି

ଭଦ୍ରବ୍ୟକ୍ତି ଜଣେ ସଙ୍ଗରେ ନେଇ
ପରବେଶ ହେଲେ ଉତ୍ସବେ ଯାଇ
ମୋତେ ଦେଲେ ଉପହାର
ପ୍ରଶ୍ନବାଚୀ ନେତ୍ରେ
ଦେଖୁଥିଲେ ଦଳେ ପାଇ ଅତିଥି ସତ୍କାର

ଧୁମଧାମେ ଭୋଜି ହୋଇଲା ଶେଷ
ଫେରି ଆସି ସେହି ବ୍ୟକ୍ତି ବିଶେଷ
କହିଲେ ଏହାକୁ ନେଇ ଅତି ଯତନରେ
ପାଳିବ ହେ ବନ୍ଧୁ
ମୋ କଥା ମନେ ପକାଇ

ଖାଲି ଯାଗାଥିଲା ଘର ବାହାରେ
ଖାତ ଖୋଳି ପୋତି ଦେଲେ ସେଥିରେ
ବେଢ଼ାଇଲେ ତାର ଜାଲି ପାଣି ଖତ ଦେଇ
ନଜର ରଖନ୍ତି
ବଢୁଛିକି ନାହିଁ ବୋଲି

ଯେତେବେଳେ ମୁହିଁ ହୋଇଲି ବଡ଼
ନାନା ଜାତି ପକ୍ଷୀ ଆସିଣ କୁଡ଼
ଖେଳନ୍ତି ପତ୍ର ଗହଳେ କିଚିରି ମିଚିରି
ଶବଦ ଭିତରେ
କେତେ ସରାଗ ଉଚ୍ଛୁଳେ

ସମୟ ସହିତ ଫୁଲ ଫୁଟିଲା
ଚାରିଆଡ଼େ ବାସ ଚହଟି ଗଲା
କିଛି ଜଣ ମୋର ମୂଳେ ପ୍ରାଣାୟମ କରି
ମନ ଆନନ୍ଦରେ
ଝରା ଫୁଲକୁ ଘେନିଲେ

ଦେବତାଙ୍କ ଗଳେ କରିଲେ ଉଭା
ରମଣୀରତନେ ଭରିଲେ ଗଭା
ସମସ୍ତେ ହୋଇଲେ ଖୁସି
ମାଳ ମାଳ ଗୁନ୍ଥି ଫଟୋରେ ନାଇଲେ
ଭାବନ୍ତି ନୁହେଁ ସେ ବାସି

ଚାହୁଁ ଚାହୁଁ ଫଳ ହୋଇଲା ଲାଲ
ଗୁଣ୍ଡୁଚିମୂଷାଏ ହୋଇଲେ ମେଳ
ପକ୍ଷୀମାନେ ସାଥୀ ହେଲେ
ଏଡ଼ାଳୁ ସେଡ଼ାଳ ଡ଼େଇଁ ଡ଼େଇଁ
ତାହା ମନ ଆନନ୍ଦେ ଖାଇଲେ

ପିଲାମାନେ ତାକୁ ତଳୁ ଗୋଟାଇ
ଖାଉଥାନ୍ତି ଭାରି ଶରଧା ହୋଇ
କହୁଥାନ୍ତି ଦାନ୍ତରୋଗ, ଫାଙ୍କ ହେବ ନାହିଁ
ଜେଜେ କହୁଥିଲେ
ଏଣୁ ଖାଇ ନେବା ଆଗ

ବହୁ ଔଷଧୀୟ ଗୁଣକୁ ଜାଣି
ଯେ ଦେଖିଲା କୋଳି
ଖାଇଣ ପୁଣି ବଢ଼ାଇଲେ ମୋର ଗଛ
ପ୍ରଚାର ପ୍ରସାର କଲେ ମଞ୍ଜି ପୋତି
ଗଛକୁ ନମଣି ତୁଛ !

ଟିକାବାଲି, କନ୍ଧମାଳ

# ମୋକ୍ଷ ପ୍ରତୀକ୍ଷାରେ

**ଉମେଶ ଚନ୍ଦ୍ର ପାତ୍ର (ଥକାମନ)**

ଆଜି ମୁଁ ଜାଣୁଛି
ତୁ କେତେ ନିଷ୍ଠୁର
ମୋ ମନକୁ ତୋ ଆଗେ
ଖୋଲି ଦେଲା ପରେ
ତୋ ନୀରବତା ଆଘାତ ଦେଉଛି
ତୋ କାଣିଚାଏ କରୁଣାର
ଅପେକ୍ଷାରେ ରାତି ଉଜାଗର ।
ତୋ ମନ ସାଥେ ମନ ଯୋଡିବାର
ତୋ ସାଥେ ଏକାକାର ହେବାର
ଖୋଲା ଇସ୍ତାହାର ଦେଇ
ସମ୍ପର୍କ ସେତୁର ଏପାଖେ
ଅନ୍ତଃହୀନ ପ୍ରତୀକ୍ଷାରେ
ସମୟ କାଟୁଛି
ରଙ୍ଗର ପସରା ସଜେଇ ରଖିଛି ...
ତୁ ଜାଣିଛୁ
ବାକି ଅଛି ଅନେକ ଆଷାଢ଼
ଆତ୍ମା ସହ ପରମାତ୍ମା ମିଳନର କ୍ଷଣ
ଚିରକାଳ ବର୍ତ୍ତୁଳ ଜୀବନ୍ତ ।

ତୋ ପାଇଁ
ମୁଁ ଲେଖୁଛି ଜୀବନର ଗାଥା
ମୁଁ ଜାଣେ
ତୁ ଜାଣି ନ ଜାଣିବା ବାହାନା କରୁଛୁ
ମନେ ମନେ ହସୁଛୁ
ମୋ ଭାଗ୍ୟ କାଗଜରେ ଟାଣି ଚାଲିଛୁ
କେତେ କ'ଣ ଏଣୁତେଣୁ ରେଖା
ସତେ କ'ଣ
ଏ ଜନମେ ହେବନାହିଁ ଦେଖା ?
ତୋ ନୀରବତା
ମୋତେ ଅଧିକ ଟାଣୁଛି ତୋ ଆଡ଼େ
ଭାବୁଛି ମୁଁ ପକ୍ଷୀଟିଏ ହୋଇ
ଅନ୍ଧାରର ବୁକୁ ଚିରି
ସୀମାହୀନ ସାଗରର ବକ୍ଷ ଭେଦି
ତୋ ନାମ ନେଇ
କମ୍ପାଇ ଦେବି ଅନନ୍ତ ଆକାଶ
ଉଡ଼ିଯିବି ତୋ ପାଖକୁ
ହୁଏତ
ଲୀନ ହୋଇଯିବି ଅନନ୍ତ ଗଗନେ
ତୋ ନାମ ମୋ ଅଧରେ ଥିବ
ପାଇଯିବି ମୋକ୍ଷ ।

**ଛତିଆ , ଯାଜପୁର**

# ଭ୍ରଷ୍ଟକାରକ

ଜୟଦେବ ସିଠ



କନିଷ୍ଠ ହେଉ ବା ବରିଷ୍ଠ
ଯେତେ ବିଭାଗୀୟ ଅଧିକାରୀ
ପିଆଦା ଗୁମାସ୍ତା ହାତ କରି
ଖୋଲା ଖୋଲି ଭାବେ
ମାଗୁଛନ୍ତି ଲାଞ୍ଚ
ନଦେଲେ ଫିଟେନି ନଥି ଡୋରି।

ମାସିକ ଦରମା ଚଢ଼ା ଭାରି
ତଥାପି କାଙ୍ଗାଳିଆ ଘୁଷୁରି
ଓଲିଆ ଓଷ୍ଠାତ
ସଫେଦ ଭିକ୍ଷୁକ
କପଟରେ ବେପାର ଭିତିରି।

ସର୍କାରୀ ଚାକିରି ଗର୍ବ କରି
ନିକୃଷ୍ଟ ଫୁଟାଣି ବାହାଦୁରୀ
ଲୁଟିଖିଆଙ୍କର
ପାଳିଆ ଗାଆଣ
ରକମାରି ବୁଦ୍ଧି ଫଟକାରୀ।

ଫେଡୁରିଆ କଥା ଫେରଫାରି
ପିଠି ଆଉଁଶି ମାରିବେ ଛୁରୀ
ମଉକା ମିଳିଲେ
ପୁଳାପୁଳା ମାଂସ
କଞ୍ଚା ଖାଇଯିବେ ପେଟ ଭରି।

ଅଲାଜୁକଙ୍କ ନାହିଁ ଖାତିରି
ଆରକ୍ଷୀ ଧରି କରନ୍ତି ଚୋରି
ନିଧଡ଼କ ନିଦେ
ଘୁଙ୍ଗୁଡି ମାରନ୍ତି
ନ୍ୟାୟାଳୟ ଆଖି ପଟି ଚିରି।

ଗଉଁ କିଳାପୋତା ଅଧିକାରୀ
ଦାଦାଗିରି ଦିନ ଗଲେ ସରି
ଅବସର ପରେ
ପରିଣାମ ଘୃଣ୍ୟ
ଚାହିଁବେନି କେହି ଭାଇତିରି।

କାଁ ଭାଁ ଜଣେ ବୁଧ ପରି
ଆଦର୍ଶ ଭାବ ନିର୍ଣ୍ଣୀତ କରି
ରାସ୍ତା ବି ନିଶବ୍ଦେ
ତାଙ୍କ ଗୁଣ ଗାଏ
ଆନ ପରିଚୟ ଭ୍ରଷ୍ଟକାରୀ।

ରାଣୀଗୁଡା ଫାର୍ମ, ରାୟଗଡା।

# ଅନୁଚିନ୍ତା

**ବିଭୁପ୍ରସାଦ ହରିଚନ୍ଦନ**



ତୁମେମାନେ ଯଦି ହେବ ଭଲପିଲା
ସମସ୍ତେ କରିବେ ଗେଲ,
ପାଠରେ ଶାଠରେ ହୋଇ ଆଗୁସାର
ବାପର ରଖିବ ମୂଲ,
ସବୁବେଳେ ହୁଅ ଭଲ
ଗୁରୁଜନ ସବୁ ଈଶ୍ୱର ସମାନ
ଏକଥା କେବେ ନ ଭୁଲ।(୧)
ବଡ଼ଙ୍କୁ କିଭଳି କରିବା ସମ୍ମାନ
ଏହି ଶିଷ୍ଟାଚାର ଶିଖ,
ସେହିମାନଙ୍କର ଭଲଗୁଣ ସବୁ
ନିଜ ଚରିତ୍ରରେ ଲେଖ,
ସବୁବେଳେ ହୋଇ ଦକ୍ଷ
ଆମର ସଂସ୍କୃତି ଆମ ପରମ୍ପରା
ଉଚ୍ଚ କରି ତାକୁ ରଖ।(୨)

ଖୋରଧା



# ବର୍ଷା

ଯମେଶ୍ୱର କହଲସିଂହ

ମନ ଗୋପପୁରେ
ଆତ୍ମା ନନ୍ଦଘରେ
ବରଷା ହସୁଛି ଦେଖ,
ବସୁମତୀ ଦେଖେ
ମେଘ ଦର୍ପଣରେ
ବରଷା ହକଳା ମୁଖ.... ।। ୦ ।।

ଆଷାଢ଼ ଅଳସୀ-
ପ୍ରିୟାର ଅଧରେ
ଅହେତୁକ ଆକର୍ଷଣ
ବରଷା ରାଣୀର
ଖୋଲା କବରୀରେ
ଗୀତ ଗାଏ ଶିରାବଣ,
ବରଷା ବାଡୁଅ-
ପାଣିରେ ବଦଳେ
କାମନାର ରୂପରେଖ ....।।୧।।

ବରଷା ବାସ୍ନାରେ
ମହକି ଉଠୁଛି
ଛାତିତଳ ଓଦାମାଟି
ତନୁ ତଟିନୀରେ
ବନ୍ୟା ଆସୁଛି
କିବା ଦିନ କିବା ରାତି,
ସଜଳ ଛୁଆଁରେ
ବନ୍ଧ୍ୟା ବସୁନ୍ଧରା
ସାଉଁଟୁଛି କେତେ ସୁଖ....।।୨।।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା

# ଦରଭିଜା ଶ୍ରାବଣର ଗୁମସୁମ୍ ଅନ୍ଧାର ରାତିରେ



**ନିଶିକାନ୍ତ କହଲସିଂହ**

ଦରଭିଜା ଶ୍ରାବଣର
ଗୁମସୁମ୍ ଅନ୍ଧାର ରାତିରେ-
ଆଜି, ତୁମ ସହ ଦେଖାହେଲା
ବହୁଦିନ ପରେ.........,
ଯେ ରାତିରେ ତୁମେ, ମୁଁ
ଅନେକ ଭେଟିଛେ-
ବସନ୍ତରେ....ଶରତରେ.....
ଜହ୍ନ ତାରା ରୋଶଣି ଭିତରେ ,
କାକରରେ ଭିଜିଭିଜି
ତୁମେ ମୋତେ ମୁଁ ତୁମକୁ
ଅନେକ ଦେଖିଛେ
ଖିଲିଖିଲି ହସୁଥିବା
ଅଲାଜୁକ ଜହ୍ନର ମୁହଁରେ....
ଦୁଇମନ, ଶରୀରକୁ ଏକତ୍ର କରିଛେ
ବଢିବଢି ଯାଉଥିବା-
ନିଝୁମ୍ ସେ ରାତିର ଛାତିରେ...।।

ଆଜି ଏଠି ଜହ୍ନ ନାହିଁ, ତାରା ନାହିଁ
ଆକାଶରେ ମେଘ ମାଳମାଳ,
ମେଘକୋଳେ ବିଜୁଳିର
ଲୁଚକାଳି ଖେଳ.........,
ସେ ଖେଳରେ ଦେଖାଯାଏ
ତୁମହାତେ ସୁନାଶଙ୍ଖା-
ସିନ୍ଥିରେ ସିନ୍ଦୂର..........।
ବିଜୁଳିର ଫିକଫିକ୍ ହସ
ଆଉ ଚଞ୍ଚଳ ଗତିରେ.....,
ତୁମ ମୁହଁ ଦିଶିଯାଏ,
ଛାତିତଳ ହୃଦୟ ମୋ' ଭିଜିଯାଏ
ଅଧାହଜା ଅଜସ୍ର ସ୍ମୃତିରେ.......।।

ତୁମେ ଅଛ ବୋଲି ସତ
ଭାରି ଆପଣାର ଲାଗେ
ଶ୍ରାବଣର ଭିଜାମାଟି ବାସ୍ନା,
ବ୍ୟତିକ୍ରମ ଏଇ ଖାଲି
ନାହିଁ ଆଉ ଏ ଓଠରେ
ସେ ଦିନର ତୃଷ୍ଣା.........।
ଆଜି ସେଇ ରାତି ଅଛି
ତୁମେ ଅଛ ମୁଁ ଅଛି, ନାହିଁ ଖାଲି
ସେ ଦିନର ଭାବପ୍ରବଣତା,
ଦେହ, ମନ, ଯଉବନ
ସବୁ ଠିକଠାକ୍ ଥାଇ
ବାରି ହୁଏନାହିଁ ତେଣୁ
ବର୍ଷାଭିଜା ଦେହର ଉଷ୍ଣତା...... ।।

**ଲେକିପୁର, ଗଡ଼ମାଣତୀର, ଖୋର୍ଦ୍ଧା**

# ବର୍ଷା

**ଶୁଭେନ୍ଦୁ ସାହୁ**

ବର୍ଷା କେବେ ବଉଦ ଆଖିର ଲୁହ
ବର୍ଷା କେବେ ଅଦିନେ ଆଖୋଜା କୋହ
ବର୍ଷା କେବେ କୁଆଁରୀ ଦେହର ଲାଜ
ବର୍ଷା କେବେ ସାଧବ ବୋହୂର ସଜ

ବର୍ଷା କେବେ କାଗଜ ଡଙ୍ଗାର ମୋହ
ବର୍ଷା କେବେ ଦଳେଇଘାଇର ସୁଅ
ବର୍ଷା କେବେ ଅଝଟ ପିଲାର ଜିଦି
ବର୍ଷା କେବେ ନିରାଶ୍ରୟୀ ମନେ ଭିତି

ବର୍ଷା କେବେ ଶୋଷିଲା ମନର ଶୋଷ
ବର୍ଷା କେବେ ଚାଷୀ ପାଇଁ ପ୍ରେମ ଗୀତ
ବର୍ଷା କେବେ ଶାମୁକା ଗର୍ଭର ମୋତି
ବର୍ଷା କେବେ ପ୍ରମଦା ଉଚ୍ଛୁଳା ଛାତି

ବର୍ଷା କେବେ କାଦମ୍ବରୀ ଅନୁରାଗ
ବର୍ଷା କେବେ ମୈଥୁନରେ କ୍ରିୟାଯୋଗ
ବର୍ଷା କେବେ ଶ୍ୟାମଳି ସମ୍ମୋହିନୀ
ବର୍ଷା କେବେ ଦୁଇ ବୁନ୍ଦା ସଂଜୀବନି ।

ଜଟଣୀ, ଖୋର୍ଦ୍ଧା



# ତୁମେ ଗଲାପରେ

**ସତ୍ୟନାରାୟଣ ମଲ୍ଲିକ**

ତୁମେ ଗଲା ପରେ
ତୁମରି ସ୍ମୃତିରେ
ରାତିଯାକ ନିଦ ହଜେ
ପ୍ରିୟା ତୁମ ପାଇଁ
ମୋ'ର ଆଖି ଦୁଇ
ଲୁହରେ ତକିଆ ଭିଜେ ॥

ଶୋଇପାରେ ନାହିଁ
କଡ଼ ଲେଉଟାଇ
ରାତିର ବୟସ ବଢ଼େ
ଛାତି ତଳେ ସ୍ମୃତି
ଲେଖେ କୋହ ଗୀତି
ତୁମ କଥା ମନେପଡେ ॥

ମାଟିରୁ ଆକାଶ
ତୁମରି ଶୂନ୍ୟତା
ଉଡିବୁଲେ ପବନରେ
ସଜଫୁଲ ଝରେ
ମାଳି ବଗିଚାରେ
ପାହାନ୍ତିଆ ସପନରେ ॥

ପହିଲି ସକାଳ
ଅଗଣାର କୋଳ
ତୁମ ପାଇଁ ଫିକା ଲାଗେ
ଆଖି ଖୋଲି ଦେଲେ
ନୀରବତା ସବୁ
ଛାଇ ନିଦ ପରି ଭାଙ୍ଗେ ॥

ତୁରିନ୍ତିରା, ବାଲିପାଟଣା, ଖୋର୍ଦ୍ଧା

# ଫେରିଯା ମୌସୁମୀ ତୁ ତୋ ବାଟେ



**ଗୋପୀନାଥ ସେଠୀ**

ଗାଇପାରିବିନି
ମେଘ ମହ୍ଲାର ମୁଁ
ଫେରିଯା ମୌସୁମୀ ତୁ ତୋ ବାଟେ
ଜୀବନ  ନଉକା
ଲାଗିଛି ଯେଉଁଠି
ସୁଖ ନାହିଁ ଖାଲି  ଦୁଃଖ ସେ ଘାଟେ ।

ଲୋଡାନାହିଁ ତୋର
ଶୀତଳ  ପରଶ
ନିତି   ନିଦାଘରେ  ଜଳୁଛି  ଦେହ
ସମୟ ଧୂଳିରେ
ଧୂସର  ଜୀବନ
ତୋଫା ଦିଶିବାକୁ ନାହିଁ ମୋ ମୋହ।

ତୁ ଆସିଲେ ଆସେ
ବରଷା ତୋ ସାଥେ
ଭିଜାଏ  ସିନା ସେ  ସେଇ ଘଡିକ
ଲୁହ କିନ୍ତୁ ମୋର
ଚିରଦିନ ସାଥି
ତା' ସାଥେ ଭିଜେ ମୁଁ ବରଷ ଯାକ।

ଅଧୁରା ସପନ
ନିଅଣ୍ଟିଆ ନିଶି
କିଣାବିକା  ବାକି  ସଂସାର ହାଟେ
ଜୀବନ ନଉକା
ଲାଗିଛି ଯେଉଁଠି
ସୁଖ ନାହିଁ ଖାଲି ଦୁଃଖ ସେ ଘାଟେ ।

ଚାତକ ନୁହେଁ ମୁଁ
ଅସରା  ମେଘକୁ
ଚାହିଁବି  କାହିଁକି  ଏତେ  ସରାଗେ
ସବୁଜ   ସୁଷମା
ସପନ ମୋ ପାଇଁ
ରଙ୍ଗହୀନ ମୋତେ ଜୀବନ ଲାଗେ ।

ଅମା  ଅନ୍ଧକାର
ସହୋଦର ମୋ'ର
ବିଜୁଳି  ଚମକ  ଅଲୋଡା  ଏଠି
ସୁଖ ଦରଜାରେ
ତାଲା  ପଡିଅଛି
ଖୁସି  ମୋ ଆଡକୁ  କରିଛି ପିଠି ।

କଣ୍ଟକିତ ପଥେ
ପଥିକଟିଏ ମୁଁ
ଭାଗ୍ୟ  ଭାବି  ଭବୁ ଦୁଃଖ ସାଉଁଟେ
ଗାଇପାରିବିନି
ମେଘ ମହ୍ଲାର ମୁଁ
ଫେରିଯା ମୌସୁମୀ ତୁ ତୋ ବାଟେ ।

**ବଂଶୀ ନିକେତନ, ବାଘମାରୀ, ଖୋର୍ଦ୍ଧା**

# ମଣିଷ

**ସାରଙ୍ଗଧର ଷଡ଼ଙ୍ଗୀ**

ନ ଅରୀ ହୁଏ ନାରୀ
ସେ କାହାର ଶତ୍ରୁ ନୁହେଁ
ବିଭିନ୍ନ ଅବସ୍ଥାରେ
ଭିନ୍ନ ସ୍ଥାନ ଗ୍ରହଣ କରିଥାଏ।
ସେ ସର୍ବସଂହା ଧରିତ୍ରୀ
କେତେବେଳେ କନ୍ୟା,
ଭଉଣୀ, ଗୃହଲକ୍ଷ୍ମୀ, ମାଆ
ଭାବରେ କର୍ତ୍ତବ୍ୟ କରିଥାଏ
ସମସ୍ତଙ୍କ ମନର ଭାଷାକୁ ବୁଝିଥାଏ।
ତ୍ୟାଗ ପୁତ ଜୀବନର
ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ
ସେ ନାରୀ ହେଉ କି ପୁରୁଷ ହେଉ
ଭଗବାନ ଙ୍କ ଦରବାରରେ
ମଣିଷ ଏକ ବିଚିତ୍ର ସର୍ଜନା
ବାଲ୍ୟକାଳରେ ଚପଳ
କୋମଳମତି ବାଳକ, ବାଳିକା
ବୟସ ବଢିବା ସହିତ ଦାୟିତ୍ୱ ବଢ଼ିଥାଏ
ଆଗକୁ କଣ ଘଟିବ
ତାହା ତାକୁ ଜଣା ନଥାଏ
କେତେବେଳେ.........
ସୁଖର ଅମୃତ ଚାଖିଥାଏ,
କେତେବେଳେ..........
ଦୁଃଖ ଯନ୍ତ୍ରଣାରେ ଜର୍ଜରିତ ହୁଏ
ଚକ୍ରବତ୍ ପରିବର୍ତ୍ତନ୍ତେ
ଦୁଃଖାନି ଚ.....ସୁଖାନି ଚ......
ଘଟଣା ଦୁର୍ଘଟଣା
ଘଟି ଚାଲିଛି,ଚାଲିଥିବ
ପ୍ରତିମୁହୂର୍ତ୍ତରେ ପରିବର୍ତ୍ତନ ର ଆହ୍ୱାନ
କାହାର ବେଳକାଳ ସମାନ ଯାଏ ନାହିଁ
ମଣିଷ ଭବିଷ୍ୟତ କୁ ଦେଖି ପାରେ ନାହିଁ
ତାହାହିଁ ଅଲୌକିକ ଶକ୍ତି
କଠୋର ସାଧନାହେତୁ
ମୁନି ଋଷି ମାନେ ତ୍ରିକାଳଦର୍ଶୀ
ଆମେ ସାଂସାରିକ ଲୋକ
ଭୌତିକ ମାୟା, ମୃଗତୃଷ୍ଣା ବନ୍ଧନରେ ପଡି
ଘାଣ୍ଟି ହେଉଥିବା-
ମୋ'ର ଅନୁଭୂତି ରୁ ମୁଁ ଏହାହିଁ ଶିଖିଛି

# ଉତ୍ତର

ଡ ରଜତ କୁମାର ଷଡଙ୍ଗୀ

ଏଠି ମଣିଷ ଟା
କାହିଁକି ଅଚଳ - ଅବଶ - ବିବଶ ,
ମଣିଷ କବଳରେ ଟଙ୍କା ନା
ଟଙ୍କା କବଳରେ ମଣିଷ ?

ଟଙ୍କା , କେତେବେଳେ
କରିଦିଏ ମୁହଁ ବଙ୍କା
କେତେବେଳେ ଆଣେ ଶଙ୍କା
ହୋଇଯାଏ ସ୍ୱର୍ଣ୍ଣିମ - ସ୍ୱପ୍ନିଳ ;
ଅବୁଝା ଗଣିତ ସିଏ
କେତେବେଳେ ସହଜ - ସରଳ
ଅବା ଜଟିଳ ବିରଳ ।।

କେତେବେଳେ
ମଣିଷ ପଛରେ ଟଙ୍କା ତ
ଟଙ୍କା ପଛରେ ମଣିଷ
ଆଣିଥାଏ ହାହାକାର ଦୁର୍ବିସହ
ଅବା ଚହଟାଉ ଥାଏ
ଫୁଲ ଫଗୁଣ ର ରାସ
ହସ - ରସ - ସୁବାସ ।।

ବଂଧୁ ମୋର ଉତ୍ତରିଲେ
କେତେବେଳେ
ଡଙ୍ଗା ପିଠିରେ ଶଗଡ ତ
ଶଗଡ ପିଠିରେ ଡଙ୍ଗା
ଜୀବନ ଟା ଶସ୍ତା ଏଠି
ଜୀବନ ବି ମହଙ୍ଗା
ଚାଲିଅଛି ଚିରନ୍ତନ ଖେଳ ,
ମଣିଷ ଟଙ୍କାକୁ କରେ ଅବା
ହୁଏ ସେ ତ ଟଙ୍କାର କବଳ ।।

ଏଥିପାଇଁ ଏ ଖେଳରେ
ବେଳେ ବେଳେ
ଟଙ୍କା ବା ମଣିଷ ଅବା ଉଭୟେ
ଅବଶ - ବିବଶ - ଅଚଳ ।।

ବୋରିଗୁମ୍ମା, କୋରାପୁଟ

# ନାରୀ ଓ ପୁରୁଷ

**ବିଭୁପ୍ରସାଦ ମହାପାତ୍ର**

ଭାବେ ମଜ୍ଜି ସୃଷ୍ଟି ସଜି,
ସ୍ରଷ୍ଟା ଯେବେ ପୁଚ୍ଛା କଲେ,
"ପୁତ୍ର! ମାଗି ନିଅ ବର"
ସହସା ଭାଷିଲା ପୁରୁଷ ପୁଙ୍ଗବ

"କର ମୋତେ ଉନ୍ନତ୍ତ,
ଉଦ୍ଧତ, ଦୁର୍ଦ୍ଧର୍ଷ, ଦୁର୍ଦ୍ଧର
ମୋ'ର ଭୟେ ତ୍ରସ୍ତ ହେବେ
ନାରୀ, କୀଟ, ତରୁଲତା
ପଶୁ ପକ୍ଷୀ ଯେ ଆବର" ।।

ହକାରି ନାରୀକୁ ପଚାରିଲେ ସ୍ରଷ୍ଟା
"ଅୟି କନ୍ୟା, ମୌନାବତୀ
ସଙ୍କୋଚ ନ କରି
ମାଗିନିଅ ବର ଯେ ଝଟତି"

"ଜ୍ଞାତ ମୋତେ, ବକ୍ଷ ହେବ
ବିକ୍ଷତ, ବିହତ
ନିତି ପ୍ରତି ପିଣ୍ଡ ହେବ
ମୋ'ର ଦଗ୍ଧୀଭୂତ
ତଥାପି ତବ ପାଶରେ
କିଛି ଭିକ୍ଷା ନାହିଁ ମୋ'ର
ଶ୍ରେଷ୍ଠ ଜୀବ ନରେ ସଦବୁଦ୍ଧି ଦ୍ୟନ୍ତୁ
ଏହି ପ୍ରାର୍ଥନା ଈଶ୍ୱର" ।।

**ଭୋଗଡା, ବାଘମାରୀ,ଖୋର୍ଦ୍ଧା**

# ବୋଧହୁଏ କିଛି

**ତପନ ଦୀକ୍ଷିତ**

"ବାଟର ପିଠିରେ
ଛାଡ଼ିଯାଅ ଯେବେ
ପାଦ ଅଳତାର ଛାପ
କାହିଁକି ଜାଣେନା
ସ୍ମୃତି  ଛୁଇଁଯାଏ
ସପନ ପରୀର ଗପ "...

କବରୀ ଛୁଇଁଲେ
କୁଚଯୁଗଳ ତୋ'
ଯଉବନି ବସନ୍ତରେ
ରୁଣୁଝୁଣୁ ହେଲେ
ନୂପୁରର ସୁର
ତୋ' ପାଦର ପାଉଁଜିରେ ...

ଅଧା ଲେଖା କିଛି
ପୁରୁଣା ଫର୍ଦ୍ଦର
ଜୀବନର ଦିନଲିପି
କିଛି ଭାବୁଥିବି
କିଛି ପଢୁଥିବି
କିଛି ରଖୁଥିବି ଟିପି....

ଜରାର ଖରାରେ
ଅବା ମୃତ୍ୟୁ ସାଥେ
ସାଲିସ୍ ମୁଁ କରୁଥିବି
ବୋଧ ହୁଏ! କିଛି
ଆଶା ଅବସୋସେ
ସ୍ମୃତିକୁ ସାଉଣ୍ଟୁଥିବି....।।

**ନାସିକେଶ୍ୱର, କାକଟପୁର, ପୁରୀ**

# ତୋ ବାହୁଡ଼ାକୁ ମୋ ବାହୁଡା

ତାରାପ୍ରସାଦ ଜେନା



ତୁ ବାହୁଡୁଛୁ ଭାରି ମଜା କରି ରଥରେ ବାମନ ବେଶେ
ମୋ ବାହୁଡ଼ାକୁ ଆଉ କେତେ ଦିନ
ଗଣନା ଏଠି ମୁଁ କଷେ ! ୦ !

ତୋ ମହାଘର ବଡ଼ ଦେଉଳକୁ ମେଘନାଦ ଦେଲୁ ଗଢ଼ି,
ମୋ ଦୁଃଖ ପଦେ ଶୁଣାଇଦେବାକୁ ଯିବନାହିଁ କାନେ ବେଢ଼ି,
ମୁଁ ରଥଯାତେ ବାହାରେ ଠିଆ ଯେ
ଲୁହର ସାଗରେ ଭାସେ ! ୧ !

ତୋ ସୁନାବେଶ ଠାଣି ମାଣି କରି ଦେଖାଉ ବହପ ଆଗେ,
ମୁଁ ଏଠି ଦେଖେ ଛିଣ୍ଡା ଗାମୁଛାରେ ଭିକକୁ କେମିତି ମାଗେ,
ମୋ ଗାମୁଛାରେ ଛଡ଼ା ତୁଳସୀଟେ
ମେଣ୍ଟିଯାଉ ମୋର ଆଶେ ! ୨ !

ତୋ ସୁଦର୍ଶନ ଚକ୍ର ଆଡୁଆଳେ କାହାକୁ ରଖିବୁ ଜାଣି,
ମୁଁ ଏଠି ହେଲି ଏମିତି ନିର୍ବଳ ଯେ କେହି ପାରୁଛି ହାଣି,
ତୋ ମହାବାହୁ ବଳ ପାଇବାକୁ
ରଥରେ ତୋ ମୁହଁ ଦିଶେ ! ୩ !

ତୋ ରଜାପଣ ମହିମା ଶୁଣିକି ଧରିଛି ମୁଁ ବଡ଼ କରି,
ମୁଁ ଛାର ପ୍ରଜା ତୋର ଦୁନିଆରେ ଦବୁ ଯଦି ଦିଏ ମାରି,
ତୋ ନାଆଁ ଭଜି ବାହୁଡ଼ିବି ବୋଲି
ଦେହେ ମନ ମୋର ମିଶେ ! ୪ !

ରାଜ ରଣପୁର, ଜିଲ୍ଲା- ନୟାଗଡ଼



# ଭାଇର ଭାଇ

**ଡଃ ଚପଳା ପଣ୍ଡା**

କାନ୍ଧରେ କାନ୍ଧ ଦୁଆର ବନ୍ଧ
ଅଟନ୍ତି ଭାଇ ଭାଇ,
ଜଣକୁ ଜଣେ ହାତ ମିଳେଇ
ଚାଲିଲେ ଫୁଟେ କଇଁ।
ମୁରବୀ ପଣେ ଅଗ୍ରଜ ବୁଣେ
ସାନୁଜ ହିତକାରୀ,
ସମ୍ମାନ ଥୋଇ ସାନ ଭାଇଟା
ପାଳଟେ ସଦାଚାରୀ।
କିଏ ସେ କହେ ମାଆ ପେଟରେ
ଶତ୍ରୁ ଭାବରେ ଭାଇ,
ବୁଝାମଣାର ଅଭାବ ହେଲେ
ଅଣ୍ଟିରେ ଛୁରୀ ଥୋଇ।
ଭାଗ ବଣ୍ଟାରେ ଲୋଭ ଜାଗିଲେ
ମନଟା ହୁଏ ଭାରି,
କହୁଣୀ ଛୁଏଁ ନେଡ଼ିର ଗୁଡ଼
ଶେଷ ଶବ୍ଦଟି ଅରୀ।
ଗୋଟିଏ ଭାଇ ଡାହାଣ ହାତ
ଆର ଭାଇଟି ପିଠି,
ପିଠିର ମାଡ଼ ହାତ ସହିବ
ଛିଣ୍ଡାଇ ଆଣ୍ଠୁ ଗଣ୍ଠି।

ଲକ୍ଷ୍ମଣ ପରି ଭାଇଟେ ଲୋଡ଼ା
ସେ ନୁହେଁ ବିଭୀଷଣ,
ଛାତିରେ ଛାତି ମିଶାଇ ବାଢ଼େ
ଭାଇଚାରାର ପଣ।
ହୃଦ ଗୋଟିଏ ମନ ଗୋଟିଏ
ଭାଇ ପଣିଆ ଦେଖି,
କପଟୀ ବନ୍ଧୁ ଦୂରେଇ ଯିବେ
ପଦକୁ ପଦ ଯୋଖି।
ଭାଇ ପରଶେ ଏକତା ବାସେ
ଭାଇ ଭାଇରେ ମିତ,
ଏଡ଼ାଇଯିବ ଦୁଃଖ ଯାତନା
ମିଶା ହାତକୁ ହାତ।
ଗୋଟିଏ ଭାଇ ଆତମା ହେଲେ
ଆର ଭାଇଟି ଦେହ,
ଯୋଡ଼ି ଯାଉଁଳି ଛାଇଟେ ଭଳି
ପରିପୂରକ ସ୍ନେହ।
ମଥାଟି ଭାଇ ବୁଦ୍ଧିଟି ଭାଇ
ଭାଇ ଭାଇରେ ପ୍ରେମ,
ସରି ହେବନି ସରଗ ସୁଖ
ହାରି ଯିବଟି ଯମ।

ଖୋର୍ଦ୍ଧା

# କବି କୁନ୍ତଳା କୁମାରୀ



**ବିଳାସିନୀ ଦାଶ**

ସୁଦୀପ୍ତା ସୁକନ୍ୟା ଉତ୍କଳ ଭାରତୀ
କବି କୁନ୍ତଳା କୁମାରୀ,
କଲମ ମୁନରେ କ୍ରାନ୍ତି ସରଜିଲ
ବଜାଇ ମୁକତି ଭେରୀ ।
ଜନମି ନଥିଲ ମରିବାକୁ ତୁମେ
ଭବ ତରୁ ଡାଳ ପରେ,
ଥିଲା ଏହା ତୁମ ଜୀବନ ଦର୍ଶନ
ଉତ୍ତାରିଛ କବିତାରେ ।
ପିତା ଦାନିଏଲ ମାତା ମୋନିକାଙ୍କୁ
ଧନ୍ୟ କରିଛ ତୁମେ
ଶେଫାଳି ପରିକା ସ୍ୱଳ୍ପ ଆୟୁରେ
ସୁବାସ ବିତରି ଭୂମେ।
ଚିକିତ୍ସା ବୃତ୍ତିର ପାରଦର୍ଶୀ ପଣେ
ମାନବ ସେବାର ବ୍ରତ
ଆଦରିଲ ନେଇ ଅନନ୍ତ ପ୍ରେମରେ
ସାଧି ସମାଜର ହିତ।

ବିଭୁ ଚିନ୍ତନର ତଲ୍ଲୀନ ମାନସେ
କବିତା ଓ ଉପନ୍ୟାସେ
ଅକ୍ଷୟ ସ୍ୱାକ୍ଷର ଛାଡି ଦେଇଗଲ
ସିକ୍ତ କରି ଭାବ ରସେ।
ଅଞ୍ଜଳି, ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ,
ଆହ୍ୱାନ, ଶେଫାଳି ପ୍ରତି,
ନଅତୁଣ୍ଡୀ, କାଳିବୋହୂ, ଚିତ୍ରପଟ୍ଟ
ତୁମ କାଳଜୟୀ କୃତି ।
ବିପ୍ଳବିଣୀ ତୁମେ ସମାଜ ସଂସ୍କାରୀ
ଯୋଦ୍ଧୃ ମୁକ୍ତି ସଂଗ୍ରାମର ।
ନାରୀ ପ୍ରଗତିର ଆଦ୍ୟ ନାନ୍ଦିକାର
ଅନ୍ୱେଷୀ ଅମୃତର ।
ଜନମ ଦିନରେ ପ୍ରିୟ ବୁଲ୍ ବୁଲ୍
ଘେନ ଭକ୍ତି ଶ୍ରଦ୍ଧାଞ୍ଜଳି
ଫେରିଆସ ତୁମେ ବାଟ ଦେଖାଇବ
ଅନିର୍ବାଣ ଶିଖା ଭଳି।

**ମଧୁସୂଦନ ନଗର**



# ସ୍ଥାନ ଦିଅ ଶ୍ରୀପୟରେ

ବାସନ୍ତୀ ଦେଈ

କି ଦେଇ ପୂଜିବି ତୁମକୁ ପ୍ରଭୁ ହେ
ସବୁ ତ ତୁମ୍ଭରି ଦାନ
ଫୁଲ ଫଳ ଅର୍ଘ୍ୟ ଦୁବ ନାରିକେଳ
ତୁମ୍ଭ ସୃଷ୍ଟିର ଭିଆଣ।୧ ।
ଜନମ ଦେଇଛ ମରଣ ଦେଇଛ
ସୁଖ ଦୁଃଖ ଆଦି ଯେତେ
ରୋଗ ଶୋକ ଭୋଗ ସମ୍ପଦ ଐଶ୍ୱର୍ଯ୍ୟ
ଶାନ୍ତି ଅଶାନ୍ତି ସହିତେ।୨।
ତୁମରି ଇଙ୍ଗିତେ ଦିନ ରାତି ଆସେ
ଆଲୋକ ଓ ଅନ୍ଧକାର
ଜଳ ସ୍ଥଳ ବନ ଆକାଶ ପାତାଳ
ସୃଷ୍ଟି ଅଟଇ ତୁମ୍ଭର।୩।
ବୃକ୍ଷରେ ଦେଇଛ ପୁଷ୍ପ ଛାୟା ଫଳ
ଝରଣାରେ ସ୍ନିଗ୍ଧ ଜଳ
ଆକାଶେ ନିଳିମା ଚନ୍ଦ୍ରରେ କାଳିମା
ମୂଳାଧାର ଜଗତର।୪।

ପିତାମାତା ସ୍ନେହ ଭାଇ ଭଗ୍ନୀ ସଖା
ସଂସାରରେ ପୁତ୍ର କନ୍ୟା
ଖୁସିରେ ପୁଲକ ହୃଦୟରେ କୋହ
ନୟନେ ଲୋତକ ବନ୍ୟା।୫
ଇଚ୍ଛାମୟ ତୁମେ ଲୀଳା ରଚୁଅଛ
ଆଖି ପଲକରେ ତୁମେ
ଅଜ୍ଞାନ ଅନ୍ଧାରେ ମାୟା ଘୋରବନେ
ବଣା ହେଉଛି ମୁଁ ଭ୍ରମେ।୬।
ସୂର୍ଯ୍ୟ ଚନ୍ଦ୍ର ତାରା ଗ୍ରହ ଉପଗ୍ରହ
ହେଉଛନ୍ତି ଆତଯାତ
ସଚରାଚର ଏ ବ୍ରହ୍ମାଣ୍ଡର କର୍ତ୍ତା
ଆପେ ଅଯୋନି ସମ୍ଭୂତ।୭।
ସଞ୍ଜ ସକାଳରେ ପ୍ରଣତୀ ମୁଁ ଢାଳେ
ଭାବ ଭକ୍ତି ଅନ୍ତରରେ
ଭକ୍ତ ଭାବଗ୍ରାହୀ ବାରେ ଦୟାବହି
ସ୍ଥାନ ଦିଅ ଶ୍ରୀପୟରେ।୮

ଖୋର୍ଦ୍ଧା

# ବାହୁଡ଼ା ବେଳ ହେଲା

**ପ୍ରଶାନ୍ତ କୁମାର ନାଥ**

ଭାବନ୍ତି କାଳିଆ ବାହୁଡାରେ କାଲି
ଶ୍ରୀମନ୍ଦିରେ ବିଜେ ହେବେ
ପ୍ରାଣ ପ୍ରିୟ ତାଙ୍କ କ୍ରୋଧରେ ଅଛନ୍ତି
ସାନ୍ତ୍ୱନା କେମିତି ଦେବେ।

ସ୍ତିରୀ ଙ୍କ ଦୁର୍ବଳ ଭାବି କଳା ଚାନ୍ଦ
କରିଛି ଏକଇ ଫନ୍ଦ
ଭାବଗ୍ରାହୀ ପ୍ରଭୁ ଜଗତର ନାଥ
ବିଚାର ନୁହଇଁ ମନ୍ଦ।

ବନାରସୀ ପାଟ ରଖିଛନ୍ତି ଆଣି
ମନ ମନାଇଁବା ପାଇଁ
କାଳେ ଲକ୍ଷ୍ମୀ ମନ ଶାନ୍ତ ହେଇ ଯିବ
କଳା ଶ୍ରୀମୁଖକୁ ଚାହିଁ।

ଫେରିବା ପଥରେ ରସଗୋଲା ନେଇ
ଲକ୍ଷ୍ମୀଙ୍କୁ ଖୁଆଇ ଦେବି
ଯେତେ କଟୁକଥା କହୁ ପଛେ ମୋତେ
ସବୁ ମୁଁ ସହିଣ ଯିବି।

ସାଥିରେ ନ ନେଇ କରିଛି ମୁଁ ଦୋଷ
କରିଦିଅ ମୋତେ କ୍ଷମା
ସାଗର ଦୁଲଣୀ ଆହେ କମଳିନୀ
ରୋଷ କର ନାହିଁ ଜମା।

ଘର କରିଥିଲେ ସଂସାର ବନ୍ଧନେ
ଏମିତି ଜୀବନେ ହୁଏ
ଭାଇ ଭଉଣୀଙ୍କ ସ୍ନେହ ଶ୍ରଦ୍ଧା ପାଖେ
ନିଜକୁ ମୁଁ ଭୁଲି ଯାଏ।

ଯୁଆଡ଼େ ବି ଗଲେ ତୁମକୁ ହେ ଲକ୍ଷ୍ମୀ
ମୋ ହୃଦୟେ ରଖିଥାଏ
ତୁମ ବିନା ସଖୀ ଏ କାଳିଆ ମନ
ଶୋଭା କିବା ପାଇ ଥାଏ।

ମାନିବ କମଳା ମୋ ଗଳାର ହାର।
ମାନ ମୁଁ ଭାଙ୍ଗିବି ତାରେ
ରାତିଟା ପାହିଲେ ସଅଳ ଫେରିବି
ଭକତଙ୍କ ଗହଳରେ।।

**ଜୁଣଗଡି, ରାଜନଗର, କେନ୍ଦ୍ରାପଡ଼ା**

# ଅନନ୍ୟ ପୃଥିବୀ - ଅନନ୍ୟ ଉପାଦାନ

**ତୋଫାନ କୁମାର**



ହାଇଡ୍ରୋଜେନରୁ ହିଲିୟମ୍...
ମାଧ୍ୟାକର୍ଷଣ ଦ୍ୱାରା ଏକ ଫ୍ୟୁଜନ..
ଏକ କାର୍ବନ-ଆଧାରିତ ଡିଲିରିୟମ୍...
ମଲିକୁଲାର ଅସୀମ ଶକ୍ତି

ଏକ ପ୍ରାଚୀନ ଅନୁଶାସନ ଆଲକେମି
ଆମେ ଚେତନାବାଦୀ - ବିସ୍ଫୋରଣ - ହାସ୍ୟାସ୍ପଦ
ଆମେ ସୀସା ଏବଂ ମର୍କୁରିରୁ ସୁନା ସ୍ୱପ୍ନ ଦେଖୁ
ଫସଫରସ୍ ସହିତ ତମ୍ବାରେ ଇନ୍ଧନ
ସମୃଦ୍ଧିର ଏକ ସର୍ବଭାରତୀୟ ଯୁଗ

ବିସ୍ମୁଥ୍ ମ୍ଳାନ ବିଶ୍ୱର ବୟସ ବୃଦ୍ଧି
ଲୌହ ଏବଂ ଜିଙ୍କର ଅଭାବ
ମହାକାଶଚାରୀ ହସ -
ଆଶାର ଶେଷ ଜ୍ୟୋତି
ଆଣବିକ କ୍ଷୟ ଆଲୋକିତ ଉପାୟ
- ମୌଳିକ - ପ୍ରବୃତ୍ତି
ବୈଜ୍ଞାନିକ - ଯୁକ୍ତିଯୁକ୍ତ ମାଟି
- ଗ୍ୟାସୀୟ ଆଇସୋଟୋପ୍
ଫ୍ଲୋରାଇଡ୍, ଆମେ ପିଉଛୁ

ଏକ ଅବସାଦ...
ମୁଖ୍ୟ ପାଶ୍ୱର୍ରେ ମାନବିକତା ଧାର,
ଲାନଥାନାଇଡ୍ ଏବଂ ଆକ୍ଟିନାଇଡ୍ ଧାତୁ
ଏବଂ ରହସ୍ୟ
ପରମାଣୁ ସ୍କେଲକୁ ହ୍ରାସିତ ଆମର ବୁଦ୍ଧି -
ଏକ ତ୍ୱରିତ ଇତିହାସ ବାସ୍ତବତା?!!!

ଏକ ହୋଲୋଗ୍ରାଫିକ୍ ପ୍ରୋଜେକସନ
ରେଡିଓଆକ୍ଟିଭ୍ ବିସ୍ତାର ଏକ ସ୍ଥାନ
ମାଧ୍ୟାକର୍ଷଣ ବିଚ୍ଛୁରଣ ଗତି
ଉତ୍କୃଷ୍ଟ ଅନନ୍ୟ ଗ୍ରହ ଆମରି
ଆମର ସମସ୍ତ ଉପାଦାନଗୁଡିକ
ଟେରେଷ୍ଟ୍ରିଆଲ୍ ଅନନ୍ୟ ହୋଇପାରେ

ବିବିଧ ଏବଂ ବୁଦ୍ଧିମାନ
ନିଷ୍କ୍ରିୟତାର ଧକ୍କା
ମାଧ୍ୟାକର୍ଷଣର ଟାଣ
ଏକ ପରମାଣୁର ସ୍ପିନ୍
ଆମ ଗାଲାକ୍ସିର ସ୍ପିନ୍....

**ଆଇ ଆର୍ ସି ଭିଲେଜ , ଭୁବନେଶ୍ୱର**

Volume : I ◆ Issue : 7 ◆ July 2022



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ବିଭୁପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ନିଶିକାନ୍ତ କହଲସିଂହ
ଉପଦେଷ୍ଟା



ସମରଜିତ୍ ପଟ୍ଟନାୟକ
ସମ୍ପାଦକ



ବାବାଜୀ ଜେନା
ସହଯୋଗୀ ସମ୍ପାଦକ



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଇ
ସହଯୋଗୀ ସମ୍ପାଦକ

**M-1/5, M.P.Housing Board Colony**
**Post: P.N.College, Dist: Khordha, State: Odisha, Pin: 752057**
**+91-9437281655, Email : amarisatya@gmail.com**